ବର୍ଷ-୨୬, ସଂଖ୍ୟା-୧୭୦
ଭୁବନେଶ୍ୱର
୨୬, ଜୁନ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 170
Bhubaneswar
26, June, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିଜୟଙ୍କୁ ଅନଫଲୋ କଲେ ତ୍ରିଷା

# ଧ୍ୱଂସସ୍ତୂପରେ ପରିଣତ ହେଲା ଭେନେଜୁଏଲା ରାଜଧାନୀ କାରାକାସ୍

## ଶତାଧିକ ମୃତ, ହଜାର ହଜାର ଲୋକ ନିଖୋଜ

କାରାକାସ୍, ୨୫।୬: ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାରେ ଆଜି ପ୍ରକୃତିର ଭୟାନକ ତାଣ୍ଡବ ଦେଖିବାକୁ ମିଳିଛି। ଭାରତୀୟ ସମୟ ଶୁକ୍ରବାର ଭୋର ୩:୩୦ରେ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ସମଗ୍ର ଦେଶକୁ ଥରାଇ ଦେଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଯଥାକ୍ରମେ ୭.୨ ଏବଂ ୭.୫ ରେକର୍ଡ କରାଯାଇଛି। ଏହି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ସମେତ ଅନେକ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଛି ଏବଂ କାରିବିଆନ୍ ଅଞ୍ଚଳରେ ସୁନାମି ସତର୍କ ସୂଚନା ଜାରି କରାଯାଇଛି। ଏହି ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୧୭୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେବେ ଶହ ଶହ ବିଶାଳ କୋଠା ମାଟିରେ ମିଶିଯାଇଥିବାରୁ ଏହି ଧ୍ୱଂସର ବ୍ୟାପକତାକୁ ଦେଖି ଆମେରିକାର ଭୂକମ୍ପ ଗବେଷଣା ସଂସ୍ଥା ଆଶଙ୍କା ପ୍ରକାଶ କରିଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ହୋଇପାରେ।

ଭୂକମ୍ପ ପରେ ପ୍ରାୟ ୨୦ ଥର ପରବର୍ତ୍ତୀ କମ୍ପନ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୪.୯ ରୁ ୬.୪ ମଧ୍ୟରେ ରହିଥିଲା। ଏହା ପରେ ସାରା ସହର ଧୂଳିର ବହଳ ଆସ୍ତରଣରେ ଆଚ୍ଛାଦିତ ହୋଇଯାଇଛି ଏବଂ ପରିବେଶ ଅତି ଭୟାବହ ରହିଛି। ସହରର ସବୁଠାରୁ ସମୃଦ୍ଧ ଅଞ୍ଚଳ 'ଆଲଟାମିରା'ର ୫୦ରୁ ଅଧିକ ଆବାସିକ ଭବନ ଭୁଶୁଡ଼ି ପଡ଼ିଛି। ଧ୍ୱଂସସ୍ତୂପ ଭିତରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅହରହ ପ୍ରୟାସ ଜାରି ରହିଛି। ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରରୁ ଆସିଥିବା ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଲୋକଙ୍କୁ ଉଦ୍ଧାର କରିବାରେ ପ୍ରଶାସନକୁ ସାହାଯ୍ୟ କରୁଛନ୍ତି।





ରାସ୍ତାଘାଟ, ହାଇୱେ ଏବଂ ଅଟ୍ଟାଳିକାଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ରାଜଧାନୀର ସମସ୍ତ ଅଂଚଳ ପାଇଁ ଗମ୍ଭୀର ବିପଦ ରହିଛି। ଉପକୂଳବର୍ତ୍ତୀ ରାଜ୍ୟ 'ଲା ଗୁଆଇରା' ମଧ୍ୟ ଏହି ଭୂକମ୍ପରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଥିବା 'ସାଇମନ ବୋଲିଭାର ଅନ୍ତର୍ଜାତୀୟ ବିମାନବନ୍ଦର'କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି। ସମୁଦ୍ର କୂଳରେ ଥିବା ଅନେକ ସମ୍ପତ୍ତି ସମେତ ପ୍ରସିଦ୍ଧ 'ଏଡୁଆର୍ଡସ୍ ହୋଟେଲ୍ ବୁଟିକ୍' ମାଟିରେ ମିଶିଯାଇଛି। ପରିସ୍ଥିତିର ଗମ୍ଭୀରତାକୁ ଦେଖି ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଦେଶବାସୀଙ୍କୁ ସମ୍ବୋଧିତ କରି ସେ ସମସ୍ତଙ୍କୁ ଧୈର୍ଯ୍ୟ ଓ ଏକତା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି।

ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓ କହିଛନ୍ତି ଯେ ଏହି ଭୟଙ୍କର ଭୂମିକମ୍ପ ପରେ ସହାୟତା ଓ ଉଦ୍ଧାର କାର୍ଯ୍ୟ ପାଇଁ ଆମେରିକା ଏକ ବିଶାଳ, ଦ୍ରୁତ ଏବଂ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛି। ଉଦ୍ଧାର ତ୍ୱରାନ୍ୱିତ କରିବା ପାଇଁ ଆମେରିକାର ବିଭିନ୍ନ ପ୍ରଦେଶରୀ ସହାୟକ ଟିମ୍ ଭେନେଜୁଏଲା ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ରୁବିଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ବୈଦେଶିକ ବିଭାଗ ତୁରନ୍ତ ସମସ୍ତ ମାନବିକ ସହାୟତା ପଠାଇବା ଆରମ୍ଭ କରିଛି। ତେବେ ଧ୍ୱଂସଲୀଳା ଅତି ବ୍ୟାପକ ଥିବାରୁ ତୁରନ୍ତ ଧନଜୀବନ କ୍ଷୟକ୍ଷତିର ଆକଳନ କରିବା ସମ୍ଭବ ନୁହେଁ ଏବଂ ଏଥିପାଇଁ ଆହୁରି ଦୁଇ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ରୁବିଓ କହିଛନ୍ତି।

## ଅଯୋଧ୍ୟା ରାମ ମନ୍ଦିର ଦାନ ମାମଲାରେ ୮ ଜଣଙ୍କ ନାଁରେ ଏଫଆଇଆର

ନୂଆଦିଲ୍ଲୀ, ୨୫।୬: ଅଯୋଧ୍ୟାରେ ରାମ ମନ୍ଦିର ଦାନ ଅର୍ଥ ହେରଫେର ଅଭିଯୋଗ ମାମଲାରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳର ପ୍ରାଥମିକ ରିପୋର୍ଟରେ କରାଯାଇଥିବା ସୁପାରିଶ ଆଧାରରେ ଏକ ଏଫଆଇଆର ପଞ୍ଜୀକୃତ ହୋଇଛି।ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅଭିଯୋଗ ଆଧାରରେ ଏହି ଏଫଆଇଆର ଦାଖଲ କରାଯାଇଛି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର ସଦସ୍ୟ ଶ୍ରୀ କୃଷ୍ଣ ମୋହନ ଏହି ଅଭିଯୋଗ ଦାଖଲ କରିଥିଲେ, ଯାହା ଆଧାରରେ ପୁଲିସ ରାମ ଜନ୍ମଭୂମି କୋତୱାଲି ଥାନାରେ ମାମଲା ରୁଜୁ କରିଛି।

ଏହି ମାମଲାଟି ରାମ ମନ୍ଦିରରେ ଦିଆଯାଇଥିବା ଦାନର ଚୋରି ଏବଂ ହେରଫେର ଅଭିଯୋଗ ସହିତ ଜଡିତ। ପୁଲିସ ଏଫଆଇଆରରେ ଟିନ୍ନୁ ଯାଦବ ଏବଂ ଅନୁକଳ୍ପ ମିଶ୍ରଙ୍କ ସମେତ ଆଠ ଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ କରିଛି। ଏହା ସହିତ ଅନ୍ୟ ଅନେକ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଏଫଆଇଆରରେ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୦୬, ୩୧୬(୫), ୩୧୭(୪), ୩୧୭(୫), ୬୧ ଏବଂ ୩(୫) ର ବ୍ୟବସ୍ଥା ଲାଗୁ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧିକ ବିଶ୍ୱାସଘାତକତା, ପ୍ରତାରଣା ଏବଂ ଅପରାଧିକ ଷଡଯନ୍ତ୍ର ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି।

ଏସଆଇଟିର ପ୍ରାଥମିକ ତଦନ୍ତରେ ଏଫଆଇଆର ପଞ୍ଜୀକରଣ ପାଇଁ ସୁପାରିଶ କରାଯିବା ପରେ ଉତ୍ତରପ୍ରଦେଶ ସରକାର ଏହି ପଦକ୍ଷେପ ନେଇଛନ୍ତି। ରାମ ମନ୍ଦିରରେ ଗ୍ରହଣ କରାଯାଇଥିବା ଦାନ ଅର୍ଥ ହେରଫେର ଅଭିଯୋଗ ପରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅନୁରୋଧ କ୍ରମେ ରାଜ୍ୟ ସରକାର ଜୁନ୍ ୧୩ ତାରିଖରେ ଏସଆଇଟି ଗଠନ କରିଥିଲେ।ଜୁନ୍ ୭ ତାରିଖରେ ଏହି ଘଟଣାକୁ ନେଇ ରାଜନୀତିକ ଝଡ ଦେଖିବାକୁ ମିଳିଥିଲା। ରାମ ମନ୍ଦିରରେ ଦିଆଯାଇଥିବା ଦାନରୁ କୋଟି କୋଟି ଟଙ୍କା ଉଭାନ ଥିବା ନେଇ ଆସିଥିବା ଏକ ରିପୋର୍ଟକୁ ଆଧାର କରି ଏଥିରେ ହସ୍ତକ୍ଷେପ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ।

ସେହି ସମୟରେ ଅଭିଯୋଗର ଜବାବ ଦେଇ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଥିଲେ ଯେ ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ବିବାଦରୁ ରାଜନୀତିକ ଫାଇଦା ଉଠାଇବାକୁ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ଚେଷ୍ଟା କରୁଛନ୍ତି। ସେ କହିଥିଲେ ଯେ ସାରା ବିଶ୍ୱ ଏହା ଦେଖୁଛି। ରାମ ମନ୍ଦିର ଆନ୍ଦୋଳନକୁ ମଧ୍ୟ ଉଲ୍ଲେଖ କରି କହିଥିଲେ ଯେ, ଆନ୍ଦୋଳନ ସମୟରେ ଗୁଳିକାଣ୍ଡ ଘଟିଥିବା ବେଳେ ସମାଜବାଦୀ ପାର୍ଟି କ୍ଷମତାରେ ଥିଲା।ଏସଆଇଟିର ପ୍ରାଥମିକ ରିପୋର୍ଟରୁ ମିଳିଥିବା ତଥ୍ୟ ଆଧାରରେ କର୍ତ୍ତୃପକ୍ଷ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ଏବଂ ବର୍ତ୍ତମାନ ସମସ୍ତଙ୍କ ନଜର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ସୂତ୍ରରୁ ପ୍ରକାଶ ଯେ, ତଦନ୍ତ ଆଗକୁ ବଢିବା ସହିତ ବଡ଼ ଧରଣର ଗିରଫଦାରୀ ହୋଇପାରେ।

## ବିଜେଡିରେ ମିଶିଲେ ସୁଜାତା

ଭୁବନେଶ୍ୱର, ୨୫।୬(ମହାଭାରତ): ଭିକେ ପାଣ୍ଡିଆନଙ୍କ ଆଇଏଏସ୍ ପତ୍ନୀ ସୁଜାତା ରାଉତ କାତ୍ତିକେୟନ ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ କରିଛନ୍ତି। ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସୁଜାତାଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ଦଳରେ ବିଦ୍ରୋହର ଭୟ ଓ ଓଡିଶାବାସୀଙ୍କ ମଧ୍ୟରେ ଗ୍ରହଣୀୟତା ନହେବାର ଆଶଙ୍କା କରି ବିଜେଡି ସୁପ୍ରିମୋ ଆଜି ଦୁଇଟି ପ୍ରମୁଖ ଘୋଷଣା କରିଛନ୍ତି ଯାହାକି ବିଜେଡିର ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇ ଦେଇଛି। ଆଉ ବିଜେଡିରେ ଯେ ସବୁକିଛି ଠିକ୍ ନାହିଁ ତାହା ପରୋକ୍ଷରେ ନବୀନ ହିଁ ପ୍ରମାଣିତ କରିଛନ୍ତି।ଶଙ୍ଖ ଭବନରେ ସୁଜାତାଙ୍କୁ ଦଳରେ ସାମିଲ କରି ନବୀନ ଦଳୀୟ ନେତା-କର୍ମୀ ଓ ପରେ ନବୀନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଜୁ ଜନତା ଦଳର ଜଣେ ସାଧାରଣ ସଦସ୍ୟ ଭାବେ ସୁଜାତା ରାଉତଙ୍କୁ ଦଳରେ ସ୍ୱାଗତ କରୁଛି। ଆଗାମୀ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ବିଜେଡି ଲଢ଼ିବ ବୋଲି ସେ ସ୍ପଷ୍ଟ କରିବା ସହ ସୁଜାତା ଜଣେ ଦକ୍ଷ ଆଇଏଏସ୍ ଅଫିସର ଭାବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଥିଲେ ବୋଲି କହିଛନ୍ତି। ସମୟ ବିତିବା ସହ ନିଜର ଏହି ରାଜନୀତିକ କ୍ଷେତ୍ରର ନୂଆ ଦାୟିତ୍ୱରେ ସେ ଅଭ୍ୟସ୍ତ ହେବେ ଓ ବିଶେଷକରି ମହିଳାମାନଙ୍କ ବିକାଶ ପାଇଁ କାମ କରିବେ ବୋଲି ନବୀନ ଆଶା ବ୍ୟକ୍ତ କରିଛନ୍ତି। ସୁଜାତା ମଧ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାବାସୀଙ୍କ ସେବା କରିବା ପାଇଁ ଏକ ବଡ ସୁଯୋଗ ମିଳିଥିଲା। ଆଜି ବିଜେଡିରେ ସାମିଲ ହୋଇ ପୁଣିଥରେ ତାଙ୍କ ନେତୃତ୍ୱରେ ଓଡିଶା ମାଟିରେ ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ବେଶ୍ ଆନନ୍ଦିତ। ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଲକ୍ଷ ଲକ୍ଷ କର୍ମୀଙ୍କ ଆଶୀର୍ବାଦରେ ସେ ଓଡିଶାବାସୀଙ୍କ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା, ଆନ୍ତରିକତା ଓ ସମର୍ପଣ ସହିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।



ତେବେ ଆଜିର ମିଶ୍ରଣ ପର୍ବକାର୍ଯ୍ୟକ୍ରମରୁ ଆଗଧାଡିର କିଛି ବରିଷ୍ଠ ନେତା ଦୂରେଇ ରହିଥିବାରୁ ନବୀନଙ୍କୁ ଗଣମାଧ୍ୟମ ଆଗରେ ସ୍ପଷ୍ଟୀକରଣ ଦେବାକୁ ପଡିଛି। ସେ ହିଁ ୨୦୨୯ ସାଧାରଣ ନିର୍ବାଚନରେ ଦଳର ନେତୃତ୍ୱ ନେବେ ବୋଲି କହି ସୁଜାତାଙ୍କ ଉତ୍ତରାଧିକାରୀ ଚର୍ଚ୍ଚା ଉପରେ ବ୍ରେକ୍ ଦେବାକୁ ପ୍ରୟାସ କରିଛନ୍ତି। ବିଶେଷକରି ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରିନାରାୟଣ ପାତ୍ର, ପ୍ରଣବପ୍ରକାଶ ଦାସ, ଭୂପିନ୍ଦର ସିଂ, ଶଶୀଭୂଷଣ ବେହେରା, ବିକ୍ରମ କେଶରୀ ଆରୁଖ, ଲତିକା ପ୍ରଧାନ, ଏୟୁ ସିଂହଦେଓ ଓ ତାଙ୍କ ପୁଅ କଳିକେଶ ସିଂହଦେଓ ପ୍ରମୁଖ ଅନୁପସ୍ଥିତ ରହିଥିଲେ।

## ଓଡିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି

ଚେନ୍ନାଇ,, ୨୫।୬(ମହାଭାରତ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଆଉ ଜଣେ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ରୀତା ଜୁଆଙ୍ଗ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ବିମଳା ପଞ୍ଚାୟତର ଟାଙ୍ଗିରି ଦୁବାନାଳି ସାହିରେ। ଏହା ସହିତ ଏହି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି। ସମସ୍ତ ମୃତକ କେନ୍ଦୁଝର ଜିଲ୍ଲାର। ସେହିପରି ସମସ୍ତ ମୃତକ ମହିଳା ଥିଲେ। ସେମାନେ ସମସ୍ତେ ଜୁଆଙ୍ଗ ଜନଜାତିର। ଟାଙ୍ଗିରି ଗାଁର ୫ ଜଣ ଯୁବତୀ ସେହି କାରଖାନାରେ କାମ କରୁଥିବା ବେଳେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ଜଣେ ସୁସ୍ଥ ଅଛନ୍ତି। ୯ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ ସେମାନଙ୍କ ଗାଁକୁ ଫେରିଛି ଓ ସେମାନଙ୍କର ଶବସତ୍କାର କରାଯାଇଛି।

## ବାଲେଶ୍ୱରରେ ବ୍ୟବସାୟୀଙ୍କୁ ହତ୍ୟା

ବାଲେଶ୍ୱର, ୨୫।୬(ମହାଭାରତ): ଦିନଦ୍ୱିପହରରେ ବାଲେଶ୍ୱରରେ ଫୁଟିଲା ଗୁଳି । ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅଡର ବଜାରରେ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା ହୋଇଛି। ମୃତକଙ୍କ ନାମ ଏସ କେ ହମିଦ୍ ବୋଲି ଜଣାପଡ଼ିଛି । ପ୍ରାୟ ୮ ରାଉଣ୍ଡ ଗୁଳି ଫୁଟାଇ ୨ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଗୁଳିମାଡ ପରେ ବ୍ୟବସାୟୀଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ବ୍ୟବସାୟିକ ଶତ୍ରୁତା କିମ୍ବା ବ୍ୟକ୍ତିଗତ ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି ଏବଂ ସମସ୍ତ ଦିଗରୁ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସହଦେବଖୁଣ୍ଟା ଥାନା ଅଧୀନରେ ଥିବା ଆଦର ମାର୍କେଟରେ ଏହି ହତ୍ୟାକାଣ୍ଡ ଘଟିଛି। ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ବ୍ୟବସାୟୀ ସେଖ୍ ହମିଦ୍ ଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହେବା ପୂର୍ବରୁ ପ୍ରାୟ ୮ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିନଦ୍ୱିପହରରେ ଏଭଳି ଗୁଳିମାଡ଼ ଘଟଣା ଯୋଗୁଁ ବ୍ୟସ୍ତବହୁଳ ଆଦର ମାର୍କେଟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖବର ପାଇ ସହଦେବଖୁଣ୍ଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୨୦୨୩ ଓ ୨୦୨୪ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

## 'ପୁଷ୍କରା'ଓ 'ମାଇଁ ସୁଇଟ୍ ୱାଇଫ୍' ଏବଂ 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର




-୨୦୨୩ ପାଇଁ ହରିହର ମହାପାତ୍ର ଏବଂ ୨୦୨୪ ପାଇଁ ବାବୁସାନ ଶ୍ରେଷ୍ଠ ମୁଖ୍ୟ ଅଭିନେତା

-୨୦୨୩ ପାଇଁ ମିଳିତ ଭାବେ ନୈନା ଦାଶ ତିୱାରୀ ଓ ସୁପ୍ରିୟା ନାୟକ ଏବଂ ୨୦୨୪ ପାଇଁ ଦେବଯାନୀ ଦେଘୁରିଆ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ

ଭୁବନେଶ୍ୱର, ୨୫।୬(ମହାଭାରତ): ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ବର୍ଷ ୨୦୨୩ ଏବଂ ୨୦୨୪ ପାଇଁ ଯଥାକ୍ରମେ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସାମ୍ବାଦିକ ସମ୍ମିଳନୀରେ ସମସ୍ତ ବିଜେତା ମାନଙ୍କ ନାମ ଘୋଷଣା କରିଛନ୍ତି।

ଜୁନ୍ ୨୬ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ।ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ।

୨୦୨୩ ପାଇଁ ଶ୍ରୀ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ପାଇଁ ଶ୍ରୀମତୀ ନମ୍ରତା ଦାସଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ମିଳିତ ଭାବେ 'ପୁଷ୍କରା' ଓ 'ମାଇଁ ସୁଇଟ୍ ୱାଇଫ୍' ଏବଂ ୨୦୨୪ ପାଇଁ 'ଆଶ୍ରମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ହରିହର ମହାପାତ୍ର ଏବଂ ୨୦୨୪ ପାଇଁ ବାବୁସାନଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତା, ୨୦୨୩ ପାଇଁ ମିଳିତ ଭାବେ ନୈନା ଦାଶ ତିୱାରୀ ଓ ସୁପ୍ରିୟା ନାୟକ ଏବଂ ୨୦୨୪ ପାଇଁ ଦେବଯାନୀ ଦେଘୁରିଆଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ, ୨୦୨୩ ପାଇଁ ପିନାକୀ ସିଂ ଓ ଶିଶିର କୁମାର ସାହୁ ଏବଂ ୨୦୨୪ ପାଇଁ ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ।୨୦୨୩ ପାଇଁ ୩୦ଟି ବର୍ଗ ଏବଂ ୨୦୨୪ ପାଇଁ ୩୦ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିବା ସହିତ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଜେତା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିଶ୍ଚିତ ଭାବରେ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନ୍ନତ, ମୂଲ୍ୟବୋଧ ଭିତ୍ତିକ, ସାମାଜିକ ପ୍ରାସଙ୍ଗିକତା ବିଷୟ ବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଓ ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜୁରୀ କମିଟି ଗଠନ କରାଯାଇଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଣବ ଦାସଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆ।ଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



### ଖବର

## ରିଲିଜ୍ ପୂର୍ବରୁ ଧମାକା କଲା ୱେଲକମ୍ ଟୁ ଦି ଜଙ୍ଗଲ




ଭୂତ ବଙ୍ଗଳା ପରେ, ଅକ୍ଷୟ କୁମାରଙ୍କ ଫିଲ୍ମ ୱେଲକମ୍ ଟୁ ଦି ଜଙ୍ଗଲ ସହିତ ପୁଣି ଥରେ ଧମାକା କରିଛି । ଯାହା ରିଲିଜ ହେବା ପୂର୍ବରୁ ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି । ତେଣୁ ଫିଲ୍ମ ଆଗୁଆ ବୁକିଂ ଆରମ୍ଭ ହେବା ସହିତ ଭଲ ପ୍ରତିକ୍ରିୟା ହାସଲ କରିଛି। ଏହି ଫିଲ୍ମରେ ଅକ୍ଷୟ କୁମାର, ସୁନୀଲ ଶେଟ୍ଟି, ଅର୍ଶଦ ୱାର୍ସୀ, ପରେଶ ରାୱଲ, ରବୀନା ଟଣ୍ଡନ ଏବଂ ଦିଶା ପଟାନୀଙ୍କ ସମେତ ଅନେକ ଷ୍ଟାର ନଜର ଆସିବାକୁ ଯାଉଛନ୍ତି । ଯାହାକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ଉତ୍ସାହ ବଢିଛି । 'ୱେଲକମ୍' ଫ୍ରାଞ୍ଚାଇଜିର ଫିଲ୍ମ ରିଲିଜ ହେବା ପୂର୍ବରୁ ହିଁ ମାହୋଲ ସୃଷ୍ଟି କରିଛି । ଏହି ପରିସ୍ଥିତିରେ ଫିଲ୍ମ ପାଇଁ ଆଗୁଆ ବୁକିଂ ଆରମ୍ଭ ହୋଇଯାଇଛି । 'ୱେଲକମ୍ ଟୁ ଦ ଜଙ୍ଗଲ' ପ୍ରି-ଟିକେଟ୍ ସେଲରୁ କେତେ କଲେକ୍ସନ କରିଛି ଆସନ୍ତୁ ଜାଣିବା ।ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଆଗାମୀ କମେଡି ଫିଲ୍ମ ୱେଲକମ୍ ଟୁ ଦ ଜଙ୍ଗଲକୁ ନେଇ ଚର୍ଚ୍ଚା ଚାଲିଛି । ଏହାର ଅନୁମାନ ଏଥିରୁ ହିଁ କରାଯାଇପାରେ ଯେ ପ୍ରଥମ ଦିନ ପାଇଁ ଜୋରଦାର ଭାବେ ଆଗୁଆ ବୁକିଂ ହେଉଛି । ଏହା ସହିତ ଫିଲ୍ମଟି ଭଲ ପରିମାଣର ପ୍ରି-ଟିକେଟ୍ ବିକ୍ରି କରିସାରିଛି ଏବଂ ରିଲିଜ୍ ପୂର୍ବରୁ ହିଁ କୋଟି କୋଟି ଟଙ୍କା ଆୟ କରିଛି।

## ଶାନ୍ତି ପାଇଁ ବାସ୍ତୁ ଉପାୟ



- ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।
- ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।
- ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।
- ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।
- ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।
- ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।
- ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।
- ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

## ଚଣା ଡାଲି ବାଦାମଠାରୁ ଅଧିକ ଲାଭଦାୟକ

ପ୍ରତିଦିନ ସକାଳେ ଭିଜା ବାଦାମ ଖାଇବା ବେଶ୍ ଲାଭଦାୟକ । ମାତ୍ର ଭିଜା ବାଦାମଠାରୁ ଚଣା ଡାଲି ଅଧିକ ଲାଭଦାୟକ । ଶସ୍ତାରେ ମିଳୁଥିବା ଚଣା ଡାଲିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ଫାଇବର, କ୍ୟାଲସିୟମ୍, ଆଇରନ୍ ଏବଂ ଭିଟାମିନ୍ସ ଭରପୁର ମାତ୍ରାରେ ରହିଛି । ଗଜା ଚଣାରେ କ୍ଲୋରୋଫିଲ, ଭିଟାମିନ୍ ଏ, ବି, ସି, ଡି ଏବଂ କେ, ଫସଫରସ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ମିନେରାଲସ ରହିଛି । ରାତିସାରା ଭିଜାଇ ସକାଳେ ଚଣା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।



ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ- ଚଣାରେ ଭିଟାମିନ୍, ମିନେରାଲ୍ସ, କ୍ଲୋରୋଫିଲ୍ ଏବଂ ଫସଫରସ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଯାହା ଫଳରେ ପ୍ରତିଦିନ ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

ଡାଏବେଟିସ୍ ପାଇଁ ଲାଭଦାୟକ- ଡାଏବେଟିସ୍ ରୋଗୀ ପ୍ରତିଦିନ ସକାଳେ ୨୫ ଗ୍ରାମ୍ ଭିଜା ଚଣା ଖାଇବା ଲାଭଦାୟକ ହୋଇଥାଏ । ଖାଲି ପେଟରେ ଖାଇଲେ ଡାଏବେଟିସ୍‌ରୁ ଆରାମ ମିଳିଥାଏ ।

କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି- ଚଣା ଡାଲିରେ ଥିବା ଫାଇବର ପାଚନ ପାଇଁ ଲାଭଦାୟକ ହୋଇଥାଏ । ପେଟ ଦରଜ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଚଣାରେ ଅଦା, ଜିରା ଏବଂ ଲୁଣ ମିଶାଇ ଖାଆନ୍ତୁ । ଏହାଦ୍ୱାରା ପେଟ ଦରଜ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଶକ୍ତି ମିଳିଥାଏ- ପ୍ରତିଦିନ ସକାଳେ ଚଣାରେ ଲେମ୍ବୁ, ଅଦା, ଲୁଣ, ଗୋଲମରିଚ ମିଶାଇ ଖାଇଲେ ଶରୀର ସୁସ୍ଥ ରହିଥାଏ । ଏହାସହ ଦିନରେ କାମ କରିବା ପାଇଁ ଶକ୍ତି ମିଳିଥାଏ ।

ସୁସ୍ଥ ରହିବ ଶରୀର- ପୁରୁଷଙ୍କଠାରେ ଥିବା କୌଣସି ଦୁର୍ବଳତା ପାଇଁ ଚଣା ବେଶ ଲାଭଦାୟକ । ପ୍ରତିଦିନ ସକାଳେ ଭିଜା ଚଣା ଖାଇଲେ ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ ।

ଆଇରନ୍ ସମସ୍ୟା ଦୂର ହେବ- ଶରୀରରେ ଆଇରନ୍ କମ ଥିଲେ ଚଣା ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । ଚଣା ଖାଇବା ଦ୍ୱାରା ଏନିମିଆ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

## କର୍ମଫଳ ଭୋଗିଲେ ମହାମୁନିଶ ମାଣ୍ଡବ୍ୟ

ଏଇ ଭାରତ ଖଣ୍ଡରେ କୁଶାମ୍ବି ନାମକ ଏକ ଦେଶ ଥିଲା। ସେହି ଦେଶର ରାଜାଙ୍କ ନାମ ତବଲା ରୁଦ୍ରଦେବ। ସେହି ରାଜା ନ୍ୟାୟବାନ, ଧର୍ମଶୀଳ ଓ ପ୍ରଜାପାଳକ ଥିଲେ। ଥରେ ରାଜନଗର ମଧ୍ୟରେ ଦଶଜଣ ଚୋର ପଶି ବହୁ ମୂଲ୍ୟବାନ ଧନ ରତ୍ନ ଚୋରି କରି ନେଇଗଲେ। ରାଜାଙ୍କ ନଗର ରକ୍ଷକ ସିପାହୀମାନେ ଜାଣିପାରି ସେହି ଚୋରମାନଙ୍କ ପିଛା କଲେ। ସେହି ସିପାହୀମାନେ ଗୋଡ଼ାଉଛନ୍ତି ଜାଣିପାରି ଚୋରମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେହି କୁଶାମ୍ବି ନଗରୀର ଅନତି ଦୂରରେ ମାଣ୍ଡବ୍ୟ ନାମକ ଜଣେ ମହାମୁନି ଆଶ୍ରୟ କରି ରହିଥିଲେ। ଋଷି ମାଣ୍ଡବ୍ୟ ଅତି ତେଜସ୍ୱୀ, ଜିତେନ୍ଦ୍ରୀୟ ଓ ଧର୍ମ ପରାୟଣ ଅଟନ୍ତି। ସେ ସର୍ବଦା ଧର୍ମ କାର୍ଯ୍ୟରେ ମନୋନିବେଶ କରି ରହୁଥିଲେ। ତାଙ୍କ ଆଶ୍ରମ ମଧ୍ୟରେ ନନ୍ଦନକାନନ ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ଅତି ଯତ୍ନର ସହିତ ପୂଜିତ



ହେଉଥିଲେ। ଆଶ୍ରମ ସମ୍ମୁଖ ଭାଗରେ ଏକ ବିରାଟ ବୃକ୍ଷ ଥିଲା। ତାର ଛାୟା ଅତି ସୁଶୀତଳ ଥିବା ଓ ନିକାଞ୍ଚନ ହୋଇଥିବା ଯୋଗୁଁ ଋଷି ମାଣ୍ଡବ୍ୟ ସେହି ସ୍ଥାନକୁ ନିଜର ତପସାଧନାର ସ୍ଥଳୀ ରୂପେ ବାଛି ନେଇଥିଲେ। ସେ ମହାମୁନି ଅଧିକାଂଶ ସମୟ ମୌନବ୍ରତ ଅବଲମ୍ବନ କରି ଉର୍ଦ୍ଧ୍ୱକୁ ବାହୁ ରଖି ସମାଧିସ୍ଥ ହେଉଥିଲେ। ସେ ସମାଧିସ୍ଥ ହେବା ସମୟରେ ବାହ୍ୟ ଜଗତ ସମ୍ବନ୍ଧରେ କିଛି ଜାଣି ପାରୁ ନଥିଲେ। ତାଙ୍କର ପାର୍ଥିବ ଶରୀର ବାହ୍ୟ ଜଗତରେ ଥିଲେ ମଧ୍ୟ ମନ ଓ ହୃଦୟ ବ୍ରହ୍ମରେ ରହୁଥିଲା। ସେହି ମାଣ୍ଡବ୍ୟ ମହାମୁନି ଏହିପରି ସମାଧିସ୍ଥ ଥିବା ସମୟରେ ସେହି ଚୋରମାନେ ପ୍ରାଣ ବିକଳରେ ଆସି ଆଶ୍ରମ ପାଖରେ ଉପସ୍ଥିତ ହେଲେ। ସିପାହୀମାନେ ନିକଟସ୍ଥ ଜାଣିପାରି ଆଶ୍ରମ ମଧ୍ୟରେ ଧନ-ରତ୍ନ ରଖି ଆଶ୍ରମ ଚଉପାଶରେ ଋଷି ମାଣ୍ଡବ୍ୟଙ୍କ ପରି ଚକ୍ଷୁ ବନ୍ଦ କରି ଉର୍ଦ୍ଧ୍ୱ ବାହୁ ହୋଇ ବସି ରହିଲେ। ରାଜାଙ୍କ ସିପାହୀମାନେ ଆସି ଋଷି ମାଣ୍ଡବ୍ୟଙ୍କ ତପସ୍ୟା ସ୍ଥାନରେ ଉପସ୍ଥିତ ହେଲେ। ସିପାହୀମାନେ ସହଜରେ ମହାମୂର୍ଖ। କେବଳ ସେମାନେ ନଗର ଜଗିବା କାମରେ ଅଭ୍ୟସ୍ତ। ବିଦ୍ୟାବୁଦ୍ଧିରେ ସେମାନଙ୍କର କିଛି ନଥାଏ ।ଋଷିଙ୍କୁ ସେମାନେ ସମାଧିସ୍ଥ ବୋଲି ଜାଣିପାରିଲେ ନାହିଁ। ମନ ମଧ୍ୟରେ ଚିନ୍ତାକଲେ, ଏହି ଯେଉଁ ବୃଦ୍ଧ ଏଠାରେ ଉପରକୁ ବାହୁ ଟେକି ବସିଛନ୍ତି, ସେ ନିଶ୍ଚୟ ଚୋରମାନଙ୍କୁ ଦେଖିଥିବେ। ଏହିପରି ବିଚାର କରି ସେମାନେ ଋଷିଙ୍କୁ କହିଲେ ହେ ବୁଢ଼ା ବାବା, ଉଠ ଏହି ବାଟେ କେତେ ଜଣ ଲୋକ ଯିବା ଦେଖିଛ କି ?ସେମାନେ ଚୋର ଆମ୍ଭେ ତାଙ୍କୁ ଧରିନେବୁ। ତୁମ୍ଭେ କହି ଦେଲେ ରାଜାଙ୍କୁ କହି ତୁମ୍ଭଙ୍କୁ ପୁରସ୍କାର ଦିଆଇବୁ। ଉଠି କୁହା।' ଋଷି ତ ଧ୍ୟାନସ୍ଥ ଥିଲେ, କିଛି ଜାଣିପାରିଲେ ନାହିଁ। ତେଣୁ ସିପାହୀମାନେ ନିଜ ନିଜ ମଧ୍ୟରେ ବିଚାର କରି ଋଷିଙ୍କୁ ଟଣାଓଟରା କଲେ। ସେଥିରେ ଋଷିଙ୍କର ଧ୍ୟାନ ଭଗ୍ନ ନ ହେବାରୁ କହିଲେ, 'ଏ ମୌନୀ ବାବାର ଘରକୁ ତଲାସ କରି ଦେଖ। ଏଠାରେ ଧନରତ୍ନ ମିଳି ଯାଇପାରେ । ତଲାସିରେ ସମସ୍ତ ଧନରତ୍ନ ଦେଖି ଋଷିଙ୍କ ପାଖରେ ସେହି ଚୋରଙ୍କ ସହ ଋଷିଙ୍କୁ ରାଜାଙ୍କ ନିକଟକୁ ନେଲେ ।ରାଜା ବିଚାର କରି ତାଙ୍କୁ ଶୂଳି ଦଣ୍ଡର ଆଦେଶ ଦେଲେ। ଶୂଳିର ତୀକ୍ଷ୍ଣ ଧାର ଉପରେ ବସି ମଧ୍ୟ ମୁନିଙ୍କର ଧ୍ୟାନ ଭଗ୍ନ ହେଲା ନାହିଁ। ସେହିପରି ସ୍ଥିତ ମୌନ ହୋଇ ଦୁଇ ବାହୁ ଉର୍ଦ୍ଧ୍ୱକୁ ଟେକି ଶୂଳି ଉପରେ ରହି ବସିଥାନ୍ତି। ଅନ୍ୟ ଚୋରମାନେ ସଂଗେ ସଂଗେ ଶୂଳି ଖମ୍ବରେ ବସି ପ୍ରାଣ ତ୍ୟାଗକଲେ। ଶୂଳି ଖମ୍ବ ତାଙ୍କର ଏପଟ କିମ୍ବା ସେପଟ ଯାଉନାହିଁ। ସେହିପରି ସ୍ଥିର ଅଛନ୍ତି। ସେ ବ୍ୟକ୍ତିକୁ କିଛି କଷ୍ଟ ହେଲା ପରି ମନେ ହେଉନାହିଁ। ଏହାଶୁଣି ରାଜା, ମନ୍ତ୍ରୀ ଓ ପୁରୋହିତ ଏକ ସାଙ୍ଗରେ ଶୂଳି ଦେଇଥିବା ସ୍ଥାନକୁ ଗମନ କଲେ। ପୁରୋହିତ ଶୂଳି ଖମ୍ବକୁ ଚାହିଁ ବିସ୍ମୟ ହୋଇ କହିଲେ ମହାରାଜ ଋଷ

## ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା । କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ । ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ । ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରଙ୍କୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ । ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ । ମୁଁ ମଧ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି । ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ" । କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ



ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ । ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି । ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ । ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ । ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ ।



# ନଗରନକ୍ସା

ମହାନଗରର ନିଜ ଭାଷା





## ଓଡ଼ିଶାରେ ସବୁଜ ଶକ୍ତିର ପ୍ରସାର ପାଇଁ ଚୁକ୍ତିନାମା

ଭୁବନେଶ୍ୱର,୨୫।୬ (ମହାଭାରତ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ ) ଏବଂ 'ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା' (ଓରେଡା) ମଧ୍ୟରେ ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏକ ଯୌଥ ଉଦ୍ୟୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଛି। ଏହି ଯୌଥ ଉଦ୍ୟୋଗ କମ୍ପାନୀ (ଜେଭିସି) ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା




ଲକ୍ଷ୍ୟ ରଖିଛି। ଏହି ସହାଭାଗିତା ମାଧ୍ୟମରେ ୨୫୦ ମେଗାୱାଟ ପବନ ଶକ୍ତି ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ରହିଛି। ଏହି ରଣନୈତିକ ସହାଭାଗିତା ସମ୍ପର୍କରେ ମତବ୍ୟକ୍ତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ,ଏନଆଇଆରଏଲ ଏବଂ ଓରେଡା ମଧ୍ୟରେ ଏହି ସହଭାଗିତା ଓଡ଼ିଶାର ଶକ୍ତି କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ରାଜ୍ୟର ଅପାର ଅକ୍ଷୟ ଶକ୍ତି ସମ୍ଭାବନା ସହିତ ବୈଷୟିକ ଏବଂ ଆର୍ଥିକ ଜ୍ଞାନକୌଶଳର ସମନ୍ୱୟ ଦ୍ୱାରା ଆମେ କେବଳ ସ୍ୱଚ୍ଛ ଶକ୍ତି ପାଇଁ ଆମର ପ୍ରତିଶ୍ରୁତି ପୂରଣ କରୁନାହୁଁ, ବରଂ ରାଜ୍ୟର 'ଅକ୍ଷୟ ଶକ୍ତି କ୍ରୟ ଲକ୍ଷ୍ୟ' ହାସଲ ଦିଗରେ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ। ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇ ଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ମୋଟ ପାଞ୍ଚ ଜଣ ସଦସ୍ୟ ରହିବେ, ଯେଉଁଥିରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ, ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହା ରାଜ୍ୟର ଏକ ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ପାଇଁ ଥିବା ଉତ୍ସର୍ଗୀକୃତ ଭାବନାକୁ ମଧ୍ୟ ପ୍ରମାଣିତ କରୁଛି। ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଓ ଏନଆଇ ଆରଏଲ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହରିଦାସପୁର-ବିଜୟନଗରମ୍ ରେଳପଥ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର,୨୫।୬ (ମହାଭାରତ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ହରିଦାସପୁର ଜଙ୍କସନ୍-ନିର୍ଗୁଣ୍ଡି ଜଙ୍କସନ୍ ଏବଂ କଟକ ଜଙ୍କସନ୍-ବିଜୟନଗରମ ଜଙ୍କସନ୍ ମଧ୍ୟରେ ୪୪୦.୧୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଚତୁର୍ଥ ରେଳପଥ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରକଳ୍ପର ଭୂମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରି ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ପ୍ରାୟ ୭,୬୮୩.୭୯ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟକାରୀ ହେବ। ଏହା ଦେଶର ବ୍ୟସ୍ତତମ ହାୱଡା-ଚେନ୍ନାଇ ରେଳ କରିଡରରେ ରେଳ ଚଳାଚଳ କ୍ଷମତା ବୃଦ୍ଧି, ମାଲବାହୀ ପରିବହନର ସୁବିଧା ଓ ଯାତ୍ରୀବାହୀ ଟ୍ରେନ୍ ର ସମୟାନୁବର୍ତିତା ସୁନିଶ୍ଚିତ କରିବାରେ ସହାୟକ ହେବ। ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ଖଣିଜ ଓ ଶିଳ୍ପ କ୍ଷେତ୍ରକୁ ବଡ଼ ଧରଣର ସୁବିଧା ମିଳିବ। କୋଇଲା, ଲୁହାପଥର, ବକ୍ସାଇଟ୍, ଇସ୍ପାତ ଓ ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଶିଳ୍ପ ଉତ୍ପାଦର ପରିବହନ ଅଧିକ ସୁଗମ ହେବ। ଧାମରା, ପାରାଦୀପ ଓ ଗୋପାଳପୁର ବନ୍ଦର ସହ ସଂଯୋଗ ସୁଦୃଢ଼ ହେବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ଏହା ନୂତନ ଗତି ପ୍ରଦାନ କରିବ।

ଓଡ଼ିଶା ଅଧୀନରେ ଯାଜପୁର, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ମୋଟ ୧୦୨.୬୪୪ ହେକ୍ଟର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୪୪.୫୭୬ ହେକ୍ଟର ଏବଂ ଗଞ୍ଜାମ ଜିଲ୍ଲାରେ ୫୫.୪୬୨ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ପ୍ରକଳ୍ପ ପାଇଁ ରାଜ୍ୟରେ ପ୍ରାୟ ୪୫୨ଟି ଘର ପ୍ରଭାବିତ ହେବାର ସମ୍ଭାବନା ରହିଛି, ଯାହା ମଧ୍ୟରୁ ଖୋର୍ଦ୍ଧାରେ ୧୩୬ ଓ ଗଞ୍ଜାମରେ ୩୧୬ ଘର ଅନ୍ତର୍ଭୁକ୍ତ।

ବୈଠକରେ ଭୂମି ଅଧିଗ୍ରହଣ ମାମଲାର ଶୀଘ୍ର ନିଷ୍ପତି, କ୍ଷତିପୂରଣ ନିର୍ଦ୍ଧାରଣ, ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟା ଓ ପୁନର୍ବାସ କାର୍ଯ୍ୟକୁ ସରକାରୀ ନିୟମାବଳୀ ଅନୁଯାୟୀ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭାବିତ ପରିବାରମାନଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ନିର୍ବିଘ୍ନରେ ଜମି ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମଧ୍ୟରେ ନିବିଡ଼ ସମନ୍ୱୟ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରେଳ ଯାତାୟତ କ୍ଷମତା ବୃଦ୍ଧି ପାଇବା ସହ ରାଜ୍ୟର ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏହାର ଉଲ୍ଲେଖନୀୟ ଯୋଗଦାନ ରହିବ ବୋଲି ମତ ପ୍ରକାଶ ପାଇଥିଲା।

## ସ୍ଥାୟୀ ନଗରୀକରଣ ଓ ଭବିଷ୍ୟତମୁଖୀ ସହର ବିକାଶ ଉପରେ ଆଲୋଚନା

ଭୁବନେଶ୍ୱର,୨୫।୬ (ମହାଭାରତ): ଓଡ଼ିଶାରେ ସ୍ଥାୟୀ ନଗରୀକରଣ, ଜଳବାୟୁ-ସହନଶୀଳ ନଗର ବ୍ୟବସ୍ଥା ଏବଂ ଭବିଷ୍ୟତମୁଖୀ ସହର ବିକାଶ ପାଇଁ ରଣନୀତି ପ୍ରସ୍ତୁତି ଉଦ୍ଦେଶ୍ୟରେ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ମଙ୍ଗଳବାର ବିଶିଷ୍ଟ ସହରାଞ୍ଚଳ ଶାସନ ବିଶେଷଜ୍ଞ ତଥା ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ମାନ୍ୟବର ସଦସ୍ୟ ଡଃ ଓ.ପି. ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ରଣନୀତିକ ଆଲୋଚନାର ଆୟୋଜନ କରାଯାଇଥିଲା । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ , ସହର ଯୋଜନାବିତ୍, ନଗର ପରିଚାଳନା ବିଶେଷଜ୍ଞ ଓ ବିକାଶ କ୍ଷେତ୍ରର ପେସାଦାରମାନେ ଯୋଗଦେଇଥିଲେ। ଆଲୋଚନାରେ ଓଡ଼ିଶାର ଦ୍ରୁତ ନଗରୀକରଣ ପ୍ରକ୍ରିୟାକୁ ଅଧିକ ସୁପରିଚାଳିତ ଓ ସ୍ଥାୟୀ କରିବା,



ସହରାଂଚଳ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ନାଗରିକ ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଜଳବାୟୁ ପରିବର୍ତନ ଜନିତ ଚ୍ୟାଲେଞ୍ଜର ସଫଳ ମୁକାବିଲା ପାଇଁ ସହରଗୁଡ଼ିକର ପ୍ରତିଷ୍ଠାନଗତ ଓ ପ୍ରଶାସନିକ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି ଅବସରରେ ଡଃ ଅଗ୍ରୱାଲ ସହନଶୀଳ ଓ ସ୍ଥାୟୀ ସହର ଗଠନ ପାଇଁ ଦକ୍ଷ ମାନବ ସମ୍ବଳ, ସୁଦୃଢ଼ ଅନୁଷ୍ଠାନ ଏବଂ ପ୍ରମାଣ-ଭିତିକ ନୀତି ପ୍ରଣୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସହରାଂଚଳ ଭିତିଭୂମି ଓ ନାଗରିକ ସେବା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିକୁ ସେ ପ୍ରଶଂସା କରିବା ସହିତ ସ୍ଥାନୀୟ ଆବଶ୍ୟକତା ସହ ସମନ୍ୱିତ ଅଭିନବ ଏବଂ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଅନୁସରଣ ପାଇଁ ପରାମର୍ଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ରାଜ୍ୟ ସରକାରଙ୍କ ନାଗରିକ-କେନ୍ଦ୍ରିକ ଓ ଜଳବାୟୁ-ସହନଶୀଳ ସହର ଗଠନ ପ୍ରତି ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ । ସହରାଂଚଳ ପ୍ରଶାସନ ଏବଂ ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ବିକାଶ ପାଇଁ ନିରନ୍ତର ବିନିଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଓଡ଼ିଶା ଅର୍ବାନ ଏକାଡେମୀର ଆଧୁନିକୀକୃତ ପ୍ରଶିକ୍ଷଣ ଓ ଆବାସିକ ସୁବିଧା ସହ ମଇଳା ପାଣି ବିଶୋଧନ, ସେପଟ୍ଟେଜ୍ ପରିଚାଳନା ଓ ସମ୍ବଳ ପୁନଃବ୍ୟବହାର ଆଧାରିତ ପ୍ରଦର୍ଶନୀ ୟୁନିଟଗୁଡ଼ିକ ବ୍ୟାବହାରିକ ଶିକ୍ଷା ଓ ପେସାଦାର ଦକ୍ଷତା ବିକାଶ ପାଇଁ ମୂଲ୍ୟବାନ ସମ୍ପଦ ବୋଲି ଉଲ୍ଲେଖ କରିଥିଲେ।

## ଶ୍ରୀମନ୍ଦିର ପ୍ରଶାସନଙ୍କୁ ପ୍ରେରଣ ହେଲା ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ

ଭୁବନେଶ୍ୱର,୨୫।୬ (ମହାଭାରତ): ସ୍ଥାନୀୟ ଶହୀଦ ନଗରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରେରଣ କରାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ପ୍ରେରଣ କରିଥିଲେ । ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ଏହା ପଠା ଯାଇଥିଲା ।

ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ । ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି । ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି।

ଏହି ବାସୁଙ୍ଗା ପାଟ ମଲବେରୀ ରେଶମ କୋଷାରୁ ପ୍ରସ୍ତୁତ କରାଯାଇଥାଏ । ଏହା ମୁଖ୍ୟତଃ ଗଜପତି ଜିଲ୍ଲାର ମୋହନା ଏବଂ ଆର. ଉଦୟଗିରୀ



ବ୍ଲକର ଜନଜାତି ରେଶମ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହୋଇଥାଏ । କୋରାପୁଟ ଜିଲ୍ଲାରୁ ସଂଗୃହୀତ କଇଥ ଫଳର ଅଠା ଲଗାଯାଇ ଏହାକୁ ରଙ୍ଗାୟିତ କରାଯାଇଥାଏ । ଏହି କୋଷାଗୁଡିକୁ ସେରିଫେଡ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣା ସ୍ଥିତ ସିଲ୍କ ପ୍ରଡକ୍ସନ୍ ଆଣ୍ଡ ଟେକ୍ନିକାଲ ଅପଗ୍ରେଡେସନ୍ ସେଂଟର ଠାରେ ପ୍ରକ୍ରିୟାକରଣ କରାଯାଏ । ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇନଥାଏ । କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଆୟୁକ୍ତ ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, , ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସେରିଫେଡ୍ ସଭାପତି ଭାଗୀରଥି ନନ୍ଦ, ସମ୍ପାଦକ ସଂଗୀତା ମିଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ ।

## ବଳିଦାନ ଦିବସରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୫।୬ (ମହାଭାରତ): ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରର ସତ୍ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଶ୍ରୀ ବାବୁ ସିଂ ଓ ବହୁ ବରିଷ୍ଠ ରାଜନୈତିକ ନେତୃବୃନ୍ଦଙ୍କ ସମେତ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅତିଥି ପ୍ରମୁଖ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ଜଣେ ପ୍ରତିଷ୍ଠିତ ଭାରତୀୟ ରାଜନେତା, ଶିକ୍ଷାବିତ ଏବଂ ବାରିଷ୍ଟର, ଆଧୁନିକ ଭାରତର ଇତିହାସରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ୬ ଜୁଲାଇ ୧୯୦୧ ରେ ପଶ୍ଚିମବଙ୍ଗର କୋଲକାତାରେ ସେ ଜନ୍ମଗ୍ରହଣ କରିଥିଲେ । ସେ ସ୍ୱାଧୀନତା ପୂର୍ବ ଏବଂ ପରବର୍ତୀ ଯୁଗରେ ଭାରତର ରାଜନୈତିକ ଏବଂ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଶ୍ୟାମାପ୍ରସାଦ ଜଣେ ସମ୍ମାନିତ ବିଚାରପତି ଏବଂ ଶିକ୍ଷାବିତ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଥିଲେ । ତାଙ୍କ ପିତାଙ୍କଠାରୁ ଏକ ଦୃଢ଼ ଶିକ୍ଷାଗତ ଏବଂ ଜାତୀୟତାବାଦୀ ମନୋଭାବ ସେ ଉତରାଧିକାରୀ ଭାବରେ ପାଇଥିଲେ । ଜଣେ ମେଧାବୀ ଛାତ୍ର ଭାବରେ, ସେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ଏମ୍.ଏ. ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ । ତାଙ୍କର ତୀକ୍ଷଣ ବୁଦ୍ଧି ଏବଂ ନେତୃତ୍ୱ ଗୁଣ ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା। ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଏବଂ ସଂସ୍କାରକ ଥିଲେ ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ।

## ମୃତ ଇଂଜିନିୟରିଂ ଛାତ୍ରୀଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭୁବନେଶ୍ୱର,୨୫।୬ (ମହାଭାରତ): ଗଞ୍ଜାମ ଜିଲ୍ଲାର ଆତ୍ମହତ୍ୟା କରିଥିବା ଇଞ୍ଜିନିୟରିଙ୍ଗ୍ କଲେଜ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ସହ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବା ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଆଦିତ୍ୟ ଅଂଶୁମାନ ପାତ୍ରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ତରଫରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଂଟିନ୍ ଛକ ଯାଏଁ ଯାଇଥିଲା । ସେଠାରେ ସ୍ୱର୍ଗତା ଛାତ୍ରୀଙ୍କ ଫଟୋ ଆଗରେ ମହମବତୀ ଜଳାଇ ଛାତ୍ର କଂଗ୍ରେସ କର୍ମୀ ମାନେ ଶ୍ରଦ୍ଧାଞ୍ଜଳୀ ଦେବା ସହ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଫଟୋଚିତ୍ର ଦାହ କରିଥିଲେ।

ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ଶ୍ରୀ ଆଦିତ୍ୟ ପାତ୍ର କହିଥିଲେ ଯେହେତୁ ଅଭିଯୁକ୍ତ ବିଶ୍ୱଜିତ୍ ଜେନା ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୁତୁରା, ତେଣୁ ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ଯୁବ ନେତାସୂର୍ଯ୍ୟକାନ୍ତ ଜେନା କହିଥିଲେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଓ ନାରୀ ନିର୍ଯାତନା କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି ।ଏହି ଭଳି ସମୟରେ ରାଜ୍ୟ ଖଣି ମନ୍ତ୍ରୀଙ୍କ ପୁତୁରା ଛାତ୍ରୀ ଆତ୍ମହତ୍ୟାରେ ଅଭିଯୁକ୍ତ ହେବା ଲଜ୍ୟାର ବିଷୟ।

## ହିମାଳୟ ବେବିକେୟାର୍ ନର୍ସିଂ ସମୁଦାୟଙ୍କ ଅବଦାନକୁ ସମ୍ମାନ

ଭୁବନେଶ୍ୱର,୨୫।୬ (ମହାଭାରତ): ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ୨୦୨୬ ପ୍ରଦାନ ଉତ୍ସବରେ ଅଂଶଗ୍ରହଣ କରିବାକୁ ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ଯତ୍ନକାରୀ ବ୍ରାଣ୍ଡ ହିମାଳୟ ବେବିକେୟାର୍‌କୁ ଆମନ୍ତ୍ରଣ କରାଯାଇଥିଲା। ହିମାଳୟ ବେବିକେୟାର୍ ମଧ୍ୟ ଏହି ୧୫ଜଣ ନର୍ସ (ସେବିକା)ଙ୍କୁ ନର୍ସିଂ କ୍ଷେତ୍ରରେ ସେମାନଙ୍କର ଉତ୍କର୍ଷ ଏବଂ ଭାରତର ସ୍ୱାସ୍ଥ୍ୟସେବା ପରିବ୍ୟବସ୍ଥା ପ୍ରତି ବହୁମୂଲ୍ୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲା। ସ୍ୱାସ୍ଥ୍ୟସେବା ସମୁଦାୟଙ୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ କରି ହିମାଳୟ ବେବିକେୟାର୍ ସମଗ୍ର ଭାରତରେ ପ୍ରାୟ ୫୦,୦୦୦ ନର୍ସଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ସେମାନଙ୍କର ବହୁମୂଲ୍ୟ ଅବଦାନକୁ ସ୍ୱୀକୃତି ଓ ପାଳନ କରିବାକୁ ଦେଶବ୍ୟାପୀ ଏକ ପ୍ରୟାସ ହାତକୁ ନେଇଥିଲା। ଏହି ସମ୍ବର୍ଦ୍ଧନା ପ୍ରଦାନ ପ୍ରୟାସ ଜରିଆରେ ହିମାଳୟ ବେବିକେୟାର୍ ମାତୃତ୍ୱ, ନବଜାତ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ନର୍ସମାନଙ୍କର ଦୟାଶୀଳ, ଦୃଢତା ଏବଂ ନିଃସ୍ୱାର୍ଥପର ଉତ୍ସର୍ଗୀକୃତ କାର୍ଯ୍ୟକୁ ସମ୍ମାନ ଜଣାଇବା ଲକ୍ଷ୍ୟ ରଖିଛି ।

## ଏସ୍ଏସଟି ନିଯୁକ୍ତି ବିଳମ୍ବକୁ ନେଇ ସରକାରଙ୍କୁ ବିଜେଡ଼ିର ଟାର୍ଗେଟ

ଭୁବନେଶ୍ୱର,୨୫।୬ (ମହାଭାରତ): ଗତ ୨ ବର୍ଷ ହେଲା ଆଶାୟୀ ଏସ୍ଏସ୍ଵି ଅଧ୍ୟାପକ, ଅଧ୍ୟାପିକା ମାନଙ୍କର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ମାନ୍ୟବର ହାଇକୋର୍ଟରେ ହୋଇଥିବା କେସ୍କୁ ଆଗକୁ ନେବାକୁ ସରକାରୀ ଓକିଲ ସହଯୋଗ କରୁନାହାନ୍ତି । ଯାହା ଫଳରେ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବାରୁ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଥିଲେ ଯେ, ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ହୋଇଥିବା କେସ୍ରେ ହସ୍ତକ୍ଷେପ କରି ତତ୍କାଳୀନ ବିଜୁ ଜନତା ଦଳର ସରକାର ୧୦୬୫ ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ୨୦୨୩ ମସିହାରେ ନିଯୁକ୍ତି ଦେଇଥିଲା । କିନ୍ତୁ ବର୍ତ୍ତମାନର ସରକାର ଏସ୍ଏସ୍ଵି ନିଯୁକ୍ତିକୁ ନେଇ ହାଇକୋର୍ଟରେ ଦାୟର ହୋଇଥିବା କେସ୍ରେ କୌଣସି ତତ୍ପରତା ନ ଦେଖାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଇପ୍ସୀତା ସାହୁ କହିଥିଲେ ଯେ, ୨୦୨୪ ମସିହା ମାର୍ଚ୍ଚ ମାସରେ ପୁନର୍ବାର ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା । ଜୁନ୍ ମାସରେ ସରକାର ପରିବର୍ତ୍ତନ ହେଲା ଏବଂ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ କେସ୍ ଫାଇଲ କରିଥିଲେ । ବିଜେପି ସରକାରରେ ବିଗତ ୨ ବର୍ଷ ହେଲା ବାରମ୍ବାର କେସ୍ ତାରିଖ ଆସିଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ଓକିଲ ଏହି କେସ୍ରେ ଭାଗ ନେଇନଥିଲେ, ଯାହା ଫଳରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ହୋଇପାରିଲା ନାହିଁ । ଆଶାୟୀ ମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗର ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ନିଯୁକ୍ତି ବାବଦରେ ବିଜ୍ଞପ୍ତି ପ୍ରକାଶ କରିବା ନେଇ ସରକାର କୌଣସି ତତ୍ପରତା ଦେଖାଇ ନଥିଲେ । ଆଗାମୀ ଜୁନ୍ ୩୦ ତାରିଖରେ ହାଇକୋର୍ଟରେ ହେବାକୁ ଥିବା ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ସରକାର ତୁରନ୍ତ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରନ୍ତୁ, ନଚେତ୍ ଆଗାମୀ ଦିନରେ ଏସ୍ଏସ୍ଵି ଆଶାୟୀଙ୍କ ଲଢ଼େଇକୁ ବିଜୁ ଛାତ୍ର ଜନତା ଦଳ ତୀବ୍ରତର କରିବ ।



ଶ୍ରୀ ପ୍ରଦୋଷ ପରିଡ଼ା କହିଥିଲେ ଯେ, ଉଚ୍ଚଶିକ୍ଷିତ ଏସ୍ଏସ୍ଵି ଆଶାୟୀଙ୍କୁ ଅଣଦେଖା କରି ସରକାର ୨୦୨୫ ଅକ୍ଟୋବର ୨୩ ତାରିଖ ଦିନ ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ମାନଙ୍କର ପୁନଃ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କଲେ । ୫୦ ହଜାର ଆଶାୟୀ ରାଜରାସ୍ତାରେ ଲଢ଼େଇ କରୁଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପୁନଃ ନିଯୁକ୍ତି କାହା ସ୍ୱାର୍ଥରେ ? ଦୁଃଖ ଓ ପରିତାପ ବିଷୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଆଶାୟୀ ମାନେ ଭେଟି ନିଯୁକ୍ତିକୁ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଆଲୋଚନା କରିବା ସମୟରେ ମନ୍ତ୍ରୀ କହିଥିଲେ ଯେ, ଦରମା ଦେବା ପାଇଁ ସରକାରଙ୍କ ପାଖରେ ଅର୍ଥ ନାହିଁ, ତେଣୁ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଉନାହିଁ । ମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଛି, ରାଜ୍ୟ ବିଜେପି ସରକାର କେତେ ଅସହାୟ । ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ।

## ସୁମିତ୍ ଇଣ୍ଡଷ୍ଟ୍ରିଜ୍ ୧୯୯.୭୫ କୋଟି ଟଙ୍କାର ରାଇଟ୍ସ୍ ଇସ୍ୟୁ

ଭୁବନେଶ୍ୱର,୨୫।୬ (ମହାଭାରତ): ପେଟ୍ ଚିପ୍ସ, ପାର୍ସିଆଲି ଓରିଏଣ୍ଟେଡ ୟାର୍ଣ୍ଣ (ପିଓୱାଇ), ଫୁଲି ଡ୍ରନ୍ ୟାର୍ଣ୍ଣ (ଏଫଡିୱାଇ) ଏବଂ ପଲିଷ୍ଟର ଟେକ୍ସଚରାଇଜଡ ୟାର୍ଣ୍ଣ ଉତ୍ପାଦନରେ ନିୟୋଜିତ ଅନ୍ୟତମ ଅଗ୍ରଣୀ ସମନ୍ୱିତ ପଲିଷ୍ଟର ଉତ୍ପାଦନକାରୀ ସୁମିତ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ନିଜର ଆର୍ଥିକ ନମନୀୟତାରେ ବୃଦ୍ଧି ଘଟାଇବା ଏବଂ କମ୍ପାନୀର ରଣକୌଶଳାତ୍ମକ ବ୍ୟବସାୟିକ ଅଗ୍ରାଧିକାରତାଗୁଡିକୁ ସମର୍ଥନ କରିବା ଲକ୍ଷ୍ୟରେ ଏହାର ଯୋଗ୍ୟ ଅଂଶଧାରକମାନଙ୍କ ନିମନ୍ତେ ଏକ ରାଇଟ୍ସ୍ ଇସ୍ୟୁ ଘୋଷଣା କରିଛି। କମ୍ପାନୀ ରାଇଟ୍ସ୍ ଇସ୍ୟୁରୁ ସଂଗୃହୀତ ଅର୍ଥ ମଧ୍ୟରୁ ୪୯,୦୦ କୋଟି ଟଙ୍କା ସୁରଟ, ଗୁଜରାଟରେ ନାକୋଡା ଲିମିଟେଡ ନିକଟରୁ ଅଧିଗୃହୀତ ଆଉ ଏକ ବାର୍ଷିକ ୧୪୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ପଲିଷ୍ଟର ଚିପ୍ସ୍ କାରଖାନା ଅଧିଗ୍ରହଣ ଏବଂ ତାହାକୁ କାର୍ଯ୍ୟକ୍ଷମ କରିବା ସକାଶେ ବିନିଯୋଗ ପ୍ରସ୍ତାବ ରଖିଛି। ଏହି ପ୍ରକଳ୍ପରେ ମୋଟ ୯୦.୦୦ କୋଟି ଟଙ୍କାର ମୂଳଧନ ନିବେଶ ସହିତ ଅବଶିଷ୍ଟ ୪୧.୦୦ କୋଟି ଟଙ୍କା ଆଭ୍ୟନ୍ତରୀଣ ସଂଗ୍ରହ ସୂତ୍ରରୁ ଯୋଗାଇ ଦିଆଯିବ।

# ଓଡ଼ିଶାରେ ରେଳ ବିକାଶ

ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ର, ତାମିଲନାଡୁ ଓ ୟୁପି ଭଳି ଓଡ଼ିଶାରେ ରେଳ ବିକାଶ ହୋଇପାରିନଥିଲା। ଯାହା କିଛି ହୋଇଥିଲା ତାହା ଏଥିପାଇଁ ହୋଇଥିଲା ଯେ, କୋଲକାତା ଓ ଚେନ୍ନାଇ ମଧ୍ୟରେ ରେଳ ସଂଯୋଗ ଓଡ଼ିଶା ମଧ୍ୟ ଦେଇ ଯାଇଛି। ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ଥିବାରୁ ଏହାର ପରିବହନ ନିମନ୍ତେ କିଛି ରେଳ ଲାଇନ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ସ୍ୱାଧୀନତାର ୫୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ ରେଳ ଲାଇନ ନଥିଲା। ସେତେବେଳେ ଓଡ଼ିଶା ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ଯାଉଥିଲା। ଏହାର ମୁଖ୍ୟାଳୟ କୋଲକାତାରେ ଅବସ୍ଥିତ। ତେଣୁ ଦକ୍ଷିଣ ପୂର୍ବ ରେଳବାଇର ସର୍ବାଧିକ ବିକାଶ ସେହି ସମୟରେ ପଶ୍ଚିମବଙ୍ଗରେ ହୋଇଛି। ଓଡ଼ିଶାକୁ ସେତେବେଳେ କେହି ଗୁରୁତ୍ୱ ଦେଉନଥିଲେ। ସ୍ୱାଧୀନତାର ପରବର୍ତ୍ତୀ ୫୦ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରରେ ମୁଖ୍ୟତଃ କଂଗ୍ରେସ କ୍ଷମତାରେ ଥିଲା। ସେତେବେଳେ କଂଗ୍ରେସ ହାଇକମାଣ୍ଡ ରାଜନୈତିକ ଦୃଷ୍ଟିରୁ ଓଡ଼ିଶାକୁ ଗୁରୁତ୍ୱ ଦେଉନଥିଲେ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ନେତୃତ୍ୱର ଅଭାବ ଏହାର ଏକ ବଡ଼ କାରଣ ହୋଇପାରେ। ତେବେ ଓଡ଼ିଶାରେ ବଡ଼ ବଡ଼ ନଗରୀ ନଥିବାରୁ, ରାଜ୍ୟରେ ବୃହତ ଶିଳ୍ପ ଓ ବନ୍ଦର ଅଭାବ ମଧ୍ୟ ସେତେବେଳେ ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଅବହେଳାର ଏକ ପ୍ରମୁଖ କାରଣ ହୋଇପାରେ। କିନ୍ତୁ କେନ୍ଦ୍ରରେ ଯେତେବେଳେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶା ପ୍ରତି ଅପେକ୍ଷାକୃତ ଅଧିକ ଅନୁଦାନ ଏବଂ ନ୍ୟାୟ ମିଳିଛି। ଏଚ ଡି ଦେବଗୌଡ଼ାଙ୍କ ସରକାର ସମୟରେ ଦେଶରେ ଏକାଧିକ ନୂଆ ରେଳଜୋନ ପ୍ରତିଷ୍ଠା ହେଲା। ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବା ବେଳେ ଏହାକୁ ହୀନ ଉଦ୍ଦେଶ୍ୟ ରଖି ଚାପି ରଖିଥିଲେ। କିନ୍ତୁ ନୀତିଶ କୁମାର ରେଳମନ୍ତ୍ରୀ ହେବା ପରେ ଓଡ଼ିଶାରେ ପୂର୍ବତଟ ରେଳଜୋନ ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ଓଡ଼ିଶାରେ ରେଳବିକାଶରେ ସବୁଠାରୁ ବଡ଼ ପଦକ୍ଷେପ। ଏଥିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଥିଲା ସର୍ବାଧିକ। ଦେବଗୌଡ଼ା ଏବଂ ଗୁଜରାଲ ସରକାରର ପତନ ଅତି ଶୀଘ୍ର ହୋଇଗଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ରରେ ଯେତେବେଳେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାର ପ୍ରତିଷ୍ଠା ହେଲା ସେତେବେଳେ ଓଡ଼ିଶାରେ ରେଳବିକାଶର ରାସ୍ତା ଖୋଲିଗଲା। ମନମୋହନ ସିଂହ ସରକାର ସମୟରେ କିନ୍ତୁ ଓଡ଼ିଶାରେ ରେଳବିକାଶ ପୁଣି ପଛରେ ପଡ଼ିଗଲା। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ପୁଣି କ୍ଷମତାକୁ ଫେରିବା ପରେ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ନୂଆ ରେଳଲାଇନ ପ୍ରତିଷ୍ଠା ହୋଇଛି। ଅନେକ ରେଳଲାଇନର ଦୋହରୀକରଣ କରାଯାଇଛି। ପାରାଦ୍ୱୀପ ଓ ଧାମରା ଭଳି ବନ୍ଦରକୁ ନୂଆ ରେଳଲାଇନ ସହ ଅଧିକ ଟ୍ରେନ ଚଳାଚଳ ହୋଇଛି। କଳାହାଣ୍ଡି ଓ କୋରାପୁଟ ଭଳି କିଛି ପଛୁଆ ଜିଲ୍ଲାରେ ଟ୍ରେନ ଗଡ଼ିଲାଣି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ନିର୍ମାଣ ତ୍ୱରାନ୍ୱିତ ହୋଇଛି ଏବଂ ଖୋର୍ଦ୍ଧାରୋଡରୁ ନୟାଗଡ଼ ଜିଲ୍ଲାକୁ ଟ୍ରେନ ଚାଲିଲାଣି। ହରିଦାସପୁର-ପାରାଦ୍ୱୀପ ଭାୟା କେନ୍ଦ୍ରାପଡ଼ା ଟ୍ରେନ ଚାଲିଲାଣି। ଫଳରେ ଏସବୁ ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ସାକାର ହୋଇଛି ଏବଂ ସେସବୁ ଅଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆହୁରି ଅନେକ ରେଳପ୍ରକଳ୍ପ କାମ ଆଗେଇ ଚାଲିଛି। ଅନେକ ନୂଆ ଷ୍ଟେସନ ପ୍ରତିଷ୍ଠା ସହ ପୁରୁଣା ରେଳଷ୍ଟେସନର ଉନ୍ନତିକରଣ ହୋଇଛି। ଅବଶ୍ୟ ଏବେ ବି ଅନେକ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଏବଂ ଅନେକ ପ୍ରସ୍ତାବ କେବଳ କାଗଜକଲମରେ ରହିଛି।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଚର

॥ ସୌମେନ୍ଦ୍ର ଜେନା ॥

> "ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡ଼ିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରୋନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ୍ୟ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ୍ୟ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ୍ୟ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ୍ୟ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ୍ୟ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲା॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜୁନ ୨୭ରେ ପାରାଦୀପ ଇଫକୋ ଅଡ଼ିଟୋରିୟମରେ ଏମଏସଏମଇ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଏସଏମଇ) ଅଧୀନସ୍ଥ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ, ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ସହିତ ମିଳିତ ଭାବରେ, ଅନ୍ତର୍ଜାତୀୟ ଏମଏସଏମଇ ଦିବସ ଅବସରରେ ୨୭ ଜୁନ ୨୦୨୬ ରେ ପାରାଦୀପର ଇଫକୋ କମ୍ପ୍ଲେକ୍ସ ହଲରେ ସକାଳ ୧୦.୦୦ ରୁ ଅପରାହ୍ନ ୨.୦୦ ପର୍ଯ୍ୟନ୍ତ ଏମଏସଏମଇ ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ (ଟିଇଏମ) ପଦକ୍ଷେପ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ, ଗୁରୁବାର ସନ୍ଧ୍ୟାରେ ହୋଟେଲ ଏମ୍ପାୟାରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଉଦ୍ଦେଶ୍ୟ, ଗୁରୁତ୍ୱ ଏବଂ ଆଶା କରାଯାଉଥିବା ଫଳାଫଳ ବିଷୟରେ ସୂଚନା ଦିଆଯାଇଥିଲା। ବିଶ୍ୱ ବ୍ୟାଙ୍କ-ସମର୍ଥିତ ରେଜିଂ ଆଣ୍ଡ୍ ଏକ୍ସେଲେରେଟିଂ ଏମଏସଏମଇ ପରଫର୍ମାନ୍ସ କାର୍ଯ୍ୟକ୍ରମ ଅଧୀନରେ ପ୍ରଚଳିତ ଏମଏସଏମଇ ଟିଇଏମ ପଦକ୍ଷେପର ଲକ୍ଷ୍ୟ ହେଉଛି ଏମଏସଏମଇ ଗୁଡ଼ିକର ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ସୁଦୃଢ଼ ??କରିବା, ଯାହା ସେମାନଙ୍କୁ ସକ୍ଷମ କରିଥାଏ ଏବଂ ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ (ଓଏନଡିସି) ସମେତ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ବାଣିଜ୍ୟ ଏବଂ ମାର୍କେଟିଂ ସୁଯୋଗକୁ ପ୍ରଭାବଶାଳୀ ଭାବରେ ପ୍ରବେଶ କରିଥାଏ। ଏହି କାର୍ଯ୍ୟକ୍ରମ ଏମଏସଏମଇ ଗୁଡ଼ିକୁ ଡିଜିଟାଲ ଉପକରଣ, କ୍ଷମତା ନିର୍ମାଣ ଏବଂ ସେମାନଙ୍କର ବଜାର ପହଞ୍ଚକୁ ବିସ୍ତାର କରିବା, ପ୍ରତିଯୋଗିତାମୂଳକତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ଡିଜିଟାଲ ଉପସ୍ଥିତି ଗଠନ କରିବା ପାଇଁ ରଣନୈତିକ ମାର୍ଗଦର୍ଶନ ସହିତ ସଶକ୍ତ କରିବା ଉପରେ ଧ୍ୟାନ ଦିଏ ଏକ ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଏନଏସଆଇସି ଭୁବନେଶ୍ୱର ର ଉପ-ପ୍ରବନ୍ଧକ ଏସ.କେ.ସାହୁ ଓ ବିଶ୍ୱ ବାଣିଜ୍ୟ କେନ୍ଦ୍ର, ଭୁବନେଶ୍ୱର ର ଆଞ୍ଚଳିକ ନିର୍ଦ୍ଦେଶକ ଏ.ରାଜ୍ୟଲକ୍ଷ୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ବିଷଦ ବିବରଣୀ ଉପସ୍ଥାପନା କରିଥିଲେ।

## ବିଦ୍ୟୁତ କାଟ ହେଲେ ବନ୍ଦ ହେଉଛି ଜିଓ ନେଟୱର୍କ, ହଇରାଣ ଏମ୍ ଭି-୭୯ ଅଞ୍ଚଳବାସୀ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍ ଭି-୭୯ ଅଞ୍ଚଳରେ ଜିଓ ମୋବାଇଲ ନେଟୱର୍କ ସେବାକୁ ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ହେବା ମାତ୍ରେ ଜିଓ ନେଟୱର୍କ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସୂଚନା ଅନୁସାରେ, ଗତ ଏକ ସପ୍ତାହ ରୁ ଅଧିକ ସମୟ ଧରି ଏହି ସମସ୍ୟା ଲାଗିରହିଛି। ବିଦ୍ୟୁତ କାଟ ହେଲେ ପ୍ରାୟ ୩୦ରୁ ୪୦ ମିନିଟ ପର୍ଯ୍ୟନ୍ତ ନେଟୱର୍କ ସେବା ବନ୍ଦ ରହୁଥିବାରୁ ଲୋକମାନେ ଯୋଗାଯୋଗ, ଅନଲାଇନ କାର୍ଯ୍ୟ ଓ ଜରୁରୀ ସେବାରୁ ବଞ୍ଚିତ ହେଉଛନ୍ତି। ଟାୱାରର ଜେନେରେଟର କିମ୍ବା ବ୍ୟାକଅପ ବ୍ୟବସ୍ଥା ଖରାପ ଥିବାରୁ ଏପରି ଘଟୁଥିବା ସନ୍ଦେହ କରାଯାଉଛି। ଅଞ୍ଚଳରେ ଜିଓର କୌଣସି ସ୍ଥାନୀୟ କାର୍ଯ୍ୟାଳୟ କିମ୍ବା ସେବା କେନ୍ଦ୍ର ନଥିବାରୁ ଗ୍ରାହକମାନେ ସମସ୍ୟା ସମ୍ପର୍କରେ କାହାକୁ ଅଭିଯୋଗ କରିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷକରି ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଅନଲାଇନ ସେବା ଉପରେ ନିର୍ଭରଶୀଳ ଲୋକମାନେ ସର୍ବାଧିକ ହଇରାଣ ହେଉଛନ୍ତି। ଏମ୍ ଭି-୭୯ ଅଞ୍ଚଳରେ ପ୍ରମୁଖତଃ ଜିଓ ନେଟୱର୍କ ଉପରେ ଲୋକମାନେ ନିର୍ଭରଶୀଳ ଥିବା ଅଭିଯୋଗ ଜଣାଇବାରେ ମଧ୍ୟ ଅସୁବିଧା ହେଉଛି। ବର୍ତ୍ତମାନ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ଓ ବିଭିନ୍ନ କଲେଜରେ ନାମଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଏହି ନେଟୱର୍କ ସମସ୍ୟା ଛାତ୍ରଛାତ୍ରୀ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ଅଧିକ ଚିନ୍ତାର କାରଣ ହୋଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ କରି ନେଟୱର୍କ ସେବାକୁ ସୁଚାରୁ ରଖିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସାଧାରଣ ଲୋକ ଜିଓ କମ୍ପାନୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବାଇପାସ୍ ରାସ୍ତା ନିର୍ମାଣରେ ବାଧକ ସାଜିଛି ଜମି ଚିହ୍ନଟ



ଗଣିଆ, (ମହାଭାରତ): ଗଣିଆ ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ, ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ ବି ଅନ୍ଧାରରେ ରହିଛି। ପ୍ରଶାସନିକ ଉଦାସୀନତା ଯୋଗୁଁ ଜମି ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ମୁଖ୍ୟ ରାସ୍ତା ଉପରେ ଯାନବାହନର ଚାପ କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଗଣିଆ ବଜାର ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରତିଦିନ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ୍ ଦେଖାଯାଉଛି। ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ସ୍କୁଲ ବସ୍ ପର୍ଯ୍ୟନ୍ତ ସବୁକିଛି ଏହି ଜାମ୍‌ରେ ଫସି ରହୁଛି, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଏକ ଦୈନନ୍ଦିନ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବାଇପାସ୍ ରାସ୍ତା ନିର୍ମାଣର ଯୋଜନା କରାଯାଇଥିଲା। ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ରାସ୍ତା ପାଇଁ ଆବଶ୍ୟକ ହେଉଥିବା ଜମି ଚିହ୍ନଟ ପ୍ରକ୍ରିୟା ଏପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ ବୋଲି ପୂର୍ତ୍ତ ବିଭଗୀୟ ଯନ୍ତ୍ରୀ ନିର୍ଝରକ୍ଷଣୀ ସାମଲ ପ୍ରକାଶ କରିଥିଲେ । ସରକାରୀ ସ୍ତରରେ ଆବଶ୍ୟକୀୟ ତତ୍ପରତା ପ୍ରକାଶ ନପାଇବା ଯୋଗୁଁ ଏହି ପ୍ରକ୍ରିୟା ଅତି ମନ୍ଥର ଗତିରେ ଚାଲିଛି। 'କେବେ ନିର୍ମାଣ ହେବ ବାଇପାସ୍ ଏହି ଗୋଟିଏ ପ୍ରଶ୍ନ ଏବେ ସମଗ୍ର ଗଣିଆ ଅଞ୍ଚଳବାସୀଙ୍କ ମନରେ ଆନ୍ଦୋଳିତ ହେଉଛି। ପ୍ରଶାସନର ଏଭଳି ଢିଲା କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶୀଘ୍ର ଜମି ଚିହ୍ନଟ ପ୍ରକ୍ରିୟା ଶେଷ କରି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ଅଂଚଳ ପକ୍ଷରୁ ଦାବି ହେଉଛି ।

## ପ୍ରବଳ ବର୍ଷାରେ ଆଦିବାସୀ ଗ୍ରାମରେ ବିଧାୟକ

ଗଜପତି, (ମହାଭାରତ) : ଗତକାଲି ଅପରାହ୍ନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହୋଇଥିଲା , ସେଇ ପ୍ରବଳ ବର୍ଷା ରେ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଲିଙ୍ଗିପୁର କଲୋନୀ ସାହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପହଞ୍ଚି, ଆଦିବାସୀ ଭାଇ ଭଉଣୀ ମାନଙ୍କ ସହ ମିଶି ସେମାନଙ୍କ ସମସ୍ୟା ଦେଖିଥିଲେ । ଗତ କାଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଗଜପତି ଜିଲ୍ଲା ଗ୍ରସ୍ତ ଥିଲା, ଦିନତମାମ ମନ୍ତ୍ରୀଙ୍କ ସହ ରହି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସାରି , ଅଚାନକ ସନ୍ଧ୍ୟା ସମୟରେ ଗୋଷାଣୀ ବ୍ଲକ ଗ୍ରସ୍ତ କରିଥିଲେ ବିଧାୟକ ।

# ସଂଘବଦ୍ଧ ଆକ୍ରମଣରୁ ବର୍ତ୍ତିଲେ ଯୁବକ : ୧୧୨କୁ ଜଣାଇଲା ପରେ ବି ପହଞ୍ଚିଲାନାହିଁ ବାଳିଚନ୍ଦ୍ରପୁର ପୋଲିସ




ବାଳିଚନ୍ଦ୍ରପୁର, (ମହାଭାରତ) : ବୁଧବାର ରାତି ୧୧ଟା ସମୟରେ ଜଣେ ଯୁବକ ସଂଘବଦ୍ଧ ଆକ୍ରମଣରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ନିଜସ୍ୱ ବୁଦ୍ଧି ଖଟାଇ ଭିଡ଼ ଭିତରୁ ଦୌଡ଼ା ମାରି ପଳାଇଯାଇ ଏକ ବୁଦା ଭିତରେ ଲୁଚି ରହି ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଦୁର୍ବୃତ୍ତମାନେ ପିଛାକରି ଖୋଜି ନପାଇବାରୁ ନିରାସ ହୋଇ ଫେରିଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବାଳିଚନ୍ଦ୍ରପୁର ଥାନା ଅଞ୍ଚଳରେ। ପ୍ରକାଶ ଥାଉକି ବୁଧବାର ସୂର୍ଯ୍ୟକାନ୍ତ ଜେନା ନାମକ ଜୈନିକ ଯୁବକ (ଓ ଡ଼ି ୦୨ ସି କେ ୩୨୧୮) କାରରେ ବରଯାତ୍ରୀଙ୍କୁ ନେଇ ଏହି ଥାନା ଅନ୍ତର୍ଗତ ଆମ୍ବସୌରୀ-ପିରପାଟଣା ଗ୍ରାମକୁ ଆସିଥିଲେ। ପରମାଣିକ ସାହି ନିକଟରୁ ରୋଷଣୀ ଆରମ୍ଭ ହୋଇଥିଲା। ଡ୍ରାଇଭର ଜଣଙ୍କ ପରମାଣିକ ସାହି ଛକ ଠାରେ ଗାଡ଼ି ସାଇଡ଼ କରି ରହିଥିଲେ। ପରମାଣିକ ସାହିର ଦୁଇ ଜଣ ଯୁବକ ଏକ ବାଇକରେ ଆସି ଉକ୍ତ ଗାଡ଼ିକୁ ଧକ୍କା ଦେଇଥିଲେ। ଏ ନେଇ ଡ୍ରାଇଭର ଜଣଙ୍କ ଯୁବକ ଦ୍ୱୟଙ୍କୁ ପଚାରିବାରୁ ସେମାନେ ଉତ୍ୟକ୍ତ କରି ଡ୍ରାଇଭରଙ୍କୁ ଅସିଳ ଭାଷାରେ ଗାଳିଗୁଲଜ କରିବା ସହ ତାର ଗାଡ଼ିକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ପରବର୍ତ୍ତି ପର୍ଯ୍ୟାୟରେ ପରମାଣିକ ସାହିର କିଛି ଯୁବକ ମିଶି ଉକ୍ତ ଡ୍ରାଇଭରକୁ ମଝିରେ ପୁରାଇ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କଲେ, ଡ୍ରାଇଭର ସୂର୍ଯ୍ୟକାନ୍ତ ନିଜ ବୁଦ୍ଧି ଖଟାଇ ସେଠାରୁ ଦୌଡ଼ି ପଳାଇଆସି କିଛି ଦୁରରେ ୧୧୨ ନମ୍ବରରେ ଜଣାଇବା ପରେ ସେମାନେ ବାଳିଚନ୍ଦ୍ରପୁର ଥାନାର ପାଟ୍ରୋଲିଂ ଡ୍ୟୁଟିରେ ଥିବା ଏ.ଏସ.ଆଇ ବୀରବର ରାଉତଙ୍କ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଲେ। ଥାନା ବାବୁଙ୍କୁ ଯୋଗାଯୋଗ କରିବା ପରେ ଘଟଣାଟି ଥାନା ଠାରୁ ଅଧ କିଲୋମିଟର ଏବଂ ପାଟ୍ରୋଲିଂ ଗାଡ଼ି ବାଳିଚନ୍ଦ୍ରପୁର ବଜାରରେ ଥାଇ ମଧ ଦୁଇ ଘଟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚିପାରିଲାନାହିଁ। ଯୁବକ ଜଣଙ୍କ ନିରୁପାୟ ହୋଇ ନିଜ ଭଙ୍ଗାଗାଡ଼ିକୁ ଥାନାକୁ ନେଇ ଲିଖିତ ଅଭିଯୋଗ କରି ନିଜର ଗୁହାରି ଜଣାଇଲେ। ଘଟଣାକୁ ୨୪ ଘଟା ବିତିଗଲା ପରେ ଯୁବକ ଜଣଙ୍କ ଥାନାର ରାଉତ ବାବୁଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେଉଁଠିକି ବରଯାତ୍ରୀ ନେଇ ଆସିଛ ଝିଅଘର ବାଲାକୁ କୁହ ସେ ସମାଧାନ କରିଦେବେ। ଏ ନେଇ ଗଣମାଧ୍ୟମ ପ୍ରତିନିଧି ମାନେ ଏ.ଏସ.ଆଇ ଶ୍ରୀ ରାଉତଙ୍କୁ ପଚାରିବାରେ ସମାନ ଉତ୍ତର ଦେଇ କହିଲେ ମୁଁ ପୁରୀ ଡ୍ୟୁଟିରେ ପଳାଇଆସିଛି, ଆମ ଥାନାର ଜଣେ କନେଷ୍ଟବଳଙ୍କୁ ଦାୟିତ୍ୱ ଦେଇଆସିଛି। ପୋଲିସର ଏଭଳି ବେପରୱା ଓ ଖାମଖିଆଲି ମନ୍ତବ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

## ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ମଧୁ ସୟ

କପ୍ତିପଦା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ମଧୁ ସୟ(୧୬) ନାମକ ଜଣେ ନାବାଳକ ବିଦ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଅଛନ୍ତି। ସୂଚନା ଥାଉ କି - ମଧୁ ସୟ(୧୬)ଙ୍କ ଘର ରାମଚନ୍ଦ୍ରପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ଅନ୍ତର୍ଗତ ବାଟିଗୁଟୁ ମଧୁସାହିରେ ଅବସ୍ଥିତ ରହିଛି। ମଧୁ ସୟ(୧୬)ଙ୍କୁ ୨୦୨୦ ମସିହାରୁ ହିଁ ବିକଳାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ହେଁ ତାଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତାଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ବିକଳାଙ୍ଗ ଭତ୍ତା ପ୍ରଦାନ କରାଯିବା ନିମନ୍ତେ ଉଭୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ କପ୍ତିପଦା ବ୍ଲକ ପ୍ରଶାସନ ଯତ୍ନବାନ ହେବାକୁ ଗ୍ରାମର ଯୁବ ସମାଜସେବୀ ଶ୍ରୀ ଦୁଲମୁ ଆଲଡା ନିବେଦନ କରିଛନ୍ତି। ଦାବି ନ ପୂରଣ କରାଗଲେ ସେମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

# ଆନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ବେଥାନି ସ୍କୁଲରେ ବକ୍ତୃତା ଏବଂ ଚିତ୍ରକଳା ପ୍ରତିଯୋଗିତା




ପାରାଦୀପ, (ମହାଭାରତ) : ପାରାଦୀପର ବେଥାନି କନଭେଣ୍ଟ ସ୍କୁଲ୍, ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଯୁଦ୍ଧ (ୱାଦା) ଅନୁଷ୍ଠାନ ସହଯୋଗରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆନ୍ତଃଶ୍ରେଣୀ ବକ୍ତୃତା ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରି ସାମାଜିକ ପ୍ରତିବଦ୍ଧତାର ସହିତ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଛି। ଉଭୟ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଛାତ୍ରଙ୍କ ଦାୟିତ୍ୱ'। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଚିନ୍ତନାତ୍ମକ ଭାଷଣ ଏବଂ ପ୍ରଭାବଶାଳୀ ଚିତ୍ରକଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା, ସଚେତନତା ଏବଂ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାଦାର ପରାମର୍ଶଦାତା କ୍ୟାପେଟନ ପ୍ରେମାନନ୍ଦ ରାଉତ ଏବଂ ସଂଯୋଜକ ଅମ୍ବିକା ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବେଥାନୀ ସ୍କୁଲ ର ପ୍ରିନ୍ସିପାଲ ରେଭରେଣ୍ଡ ଫାଦର ସୁନିଲ ଲାକ୍ରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି, କ୍ୟାପେଟନ ରାଉତ ଯୁବପିଢ଼ି ମଧ୍ୟରେ ନିଶାଦ୍ରବ୍ୟ ଅପବ୍ୟବହାରର ଭୟଙ୍କର ପରିଣାମ ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସତର୍କ ରହିବାକୁ ଏବଂ ସୁଚିନ୍ତିତ ଜୀବନ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ମହାପାତ୍ର ସମାଜରେ ନିଶାଦ୍ରବ୍ୟ ଅପବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବାରେ ପରିବର୍ତ୍ତନର ଦୂତ ଭାବରେ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଂଶଗ୍ରହଣକାରୀମାନେ ନିଶା ନିବାରଣରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଉପରେ ସେମାନଙ୍କର ମତାମତ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ । ବିଚାରକମାନେ ଯୁବ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ଆତ୍ମବିଶ୍ୱାସ, ମୌଳିକତା ଏବଂ ସଚେତନତାକୁ ପ୍ରଶଂସା କରିଥିଲେ। ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ନିଶା ସେବନର ବର୍ଦ୍ଧିତ ବିପଦ ପ୍ରତି ସଫଳ ଭାବରେ ସଚେତନ କରିଥିଲା ??ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିଥିଲା।

# ବନ ବିଭାଗର ବଡ଼ ଚଢ଼ାଉ ୩୧୧ କଇଁଛ ଜବତ, ୩ ଗିରଫ

ମାଲକାନଗିରି, (ମହାଭାରତ) : ବନ୍ୟଜନ୍ତୁ ଚୋରାଚାଲାଣ ବିରୋଧରେ ମାଲକାନଗିରି ବନ ବିଭାଗକୁ ମିଳିଛି ବଡ଼ ସଫଳତା। ଆଜି ସକାଳେ ପଦ୍ମଗିରି ଛକ ନିକଟରେ ଚଢ଼ାଉ କରି ଏକ ବୋଲେରୋ ଗାଡ଼ିରୁ ୩୧୧ ଗୋଟି କଇଁଛ ଜବତ କରିବା ସହ ୩ ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ବନ କର୍ମଚାରୀମାନେ ପଦ୍ମଗିରି ଛକ ନିକଟରେ ଛକି ରହିଥିଲେ। ଆନ୍ଧ୍ରପ୍ରଦେଶରୁ କଇଁଛ ଭର୍ତ୍ତି ହୋଇ ଆସୁଥିବା ସନ୍ଦିଗ୍ଧ ବୋଲେରୋ ଗାଡ଼ିକୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ବହୁ ପରିମାଣର କଇଁଛ ଠାବ କରାଯାଇଥିଲା। ଏହାପରେ ବନ ବିଭାଗ ତୁରନ୍ତ ଗାଡ଼ି ଓ କଇଁଛଗୁଡ଼ିକୁ ଜବତ କରି ମାଲକାନଗିରି ବନ୍ୟାଞ୍ଚଳ କାର୍ଯ୍ୟାଳୟକୁ ନେଇଥିଲା। ଗଣତି ବେଳେ ୨୮୮ ଟି ଜୀବିତ ଓ ୨୩ ଟି ମୃତ କଇଁଛ ମିଳିଥିଲା। ଅର୍ଥାତ୍ ମୋଟ ୩୧୧ ଗୋଟି କଇଁଛ ଚୋରାଚାଲାଣ ହେଉଥିବା ବେଳେ ବନ ବିଭାଗର ଜାଲରେ ଧରାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ପୋଲାଭରମ ଜିଲ୍ଲା ଦେବରପାଲ୍ଲୀ ଗ୍ରାମର ସିଦଲା ରାଜ ରେଡି, ଏନ୍. ଅମରନାଥ ଏବଂ ମାଲକାନଗିରି ଜିଲ୍ଲାର ଏମପିଭି-୬୫ ଗ୍ରାମର ରବିନ ମିର୍ଦ୍ଧା। ବର୍ତ୍ତମାନ ସେମାନଙ୍କୁ ପଚରାଉଚରା ଜାରି ରହିଥିବା ବେଳେ ଚୋରାଚାଲାଣ ରାକେଟ୍‌ର ଅଧିକ ଲିଙ୍କ୍ ଖୋଜାଯାଉଛି। ମାଲକାନଗିରି ସହାୟକ ବନ ସଂରକ୍ଷକ ଅଧିକାରୀଙ୍କ ସୂଚନା ଅନୁସାରେ, ଅଭିଯୁକ୍ତମାନଙ୍କୁ ଶୀଘ୍ର କୋର୍ଟ ଚାଲାଣ କରାଯିବ ଏବଂ ଘଟଣାର ଅଧିକ ତଦନ୍ତ ଜାରି ରହିଛି।



## ନୀଳଗାଈ ମୃତ୍ୟୁ ଘଟଣା ବନ ବିଭାଗର କାର୍ଯ୍ୟକଳାପକୁ ନେଇ ଉଠିଲା ପ୍ରଶ୍ନ, ସ୍ୱଚ୍ଛ ତଦନ୍ତ ଦାବି

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତରେଇଡ଼ିହି ଗ୍ରାମରେ ଏକ ନୀଳଗାଈର ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ ସୂଚନା ପାଇବା ସତ୍ତ୍ୱେ ବନ ବିଭାଗ ପକ୍ଷରୁ ସମୟୋଚିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇଥିଲା କି ନାହିଁ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।ସୂଚନା ଅନୁସାରେ, ସକାଳ ପ୍ରାୟ ୧୦ଟା ବେଳେ ଗ୍ରାମବାସୀମାନେ ନୀଳଗାଈଟିକୁ ଗ୍ରାମ ନିକଟରେ ବୁଲୁଥିବା ଦେଖି ବନ ବିଭାଗକୁ ଅବଗତ କରାଇଥିଲେ। କିନ୍ତୁ ଏହା ପରେ ମଧ୍ୟ ବନ୍ୟଜନ୍ତୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ବିଭାଗ କେତେ ତତ୍ପରତା ଦେଖାଇଥିଲା, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଦୀର୍ଘ ସମୟ ପରେ ସନ୍ଧ୍ୟା ପ୍ରାୟ ୬ଟା ବେଳେ ହାତୀଗାଁ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ନାଳ ମଧ୍ୟରୁ ନୀଳଗାଈଟିର ମୃତଦେହ ଉଦ୍ଧାର ହୋଇଥିଲା। ଏବଂ ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ଯଦି ବନ ବିଭାଗ ଖବର ପାଇବା ପରେ ଅଧିକ ସକ୍ରିୟ ଓ ଦ୍ରୁତ ପଦକ୍ଷେପ ନେଇଥାନ୍ତା, ତେବେ ସମ୍ଭବତଃ ନୀଳଗାଈଟିର ଜୀବନ ବଞ୍ଚାଯାଇପାରୁଥାନ୍ତା। ଏହି ଘଟଣା ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଯଦିଓ ବନ ବିଭାଗ ପକ୍ଷରୁ ନୀଳଗାଈର ପୋଷ୍ଟମର୍ଟମ କରାଯାଇ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି, ତଥାପି ପ୍ରକୃତ ମୃତ୍ୟୁ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପୂର୍ବରୁ ଘଟଣାକୁ ସାଧାରଣ ଦୁର୍ଘଟଣା ବୋଲି କହିଦେବା ଉଚିତ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି।ତେବେ ଏଠାରେ ପ୍ରଶ୍ନ ଉଠୁଛି ନୀଳଗାଈଟି କିପରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆସିଲା? ସେ କୌଣସି ରୋଗରେ ପୀଡ଼ିତ ଥିଲା କି? ନା କି ମଣିଷର ହସ୍ତକ୍ଷେପ କିମ୍ବା ଅବହେଳା ଏହି ମୃତ୍ୟୁ ପଛରେ ରହିଛି? ଏହି ସମସ୍ତ ପ୍ରଶ୍ନର ଉତ୍ତର ପୋଷ୍ଟମର୍ଟମ ରିପୋର୍ଟ ଏବଂ ନିରପେକ୍ଷ ତଦନ୍ତ ପରେ ହିଁ ସାମ୍ନାକୁ ଆସିପାରିବ ବଳି ସ୍ଥାନୀୟ ଅଞ୍ଚଳବାସୀ ଘଟଣାର ଉଚ୍ଚସ୍ତରୀୟ ଓ ସ୍ୱଚ୍ଛ ତଦନ୍ତ ଦାବି କରିଥିବା ବେଳେ, ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ କୌଣସି ଅବହେଳା ଘଟିଥିଲେ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ଯଥାଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି କରିଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ପୋଷ୍ଟମର୍ଟମ ରିପୋର୍ଟ ଉପରେ ରହିଛି, ଯାହା ଏହି ରହସ୍ୟମୟ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ।

## ଧର୍ମ ବଦଳାଇ ପ୍ରେମ ପାଇଁ ଦେଲେ ପରୀକ୍ଷା

କପ୍ତିପଦା, (ମହାଭାରତ) : ପ୍ରେମ ପାଇଁ ଦେଲେ ପରୀକ୍ଷା, କରିଲେ ଧର୍ମ ପରିବର୍ତ୍ତନ। ଏଭଳି ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ଥାନା ମାଙ୍କଡ଼ପଡା ପଞ୍ଚାୟତ ମଇଁଷିଡୁବା ଗ୍ରାମରେ। ଗ୍ରାମର ପାଣ୍ଡୁ ସୋରେନଙ୍କ ପୁଅ ରତନ ସୋରେନ ଭୁବନେଶ୍ୱର ର ଏକ ଘରୋଇ କମ୍ପାନୀରେ ରହି କାମ କରୁଥିଲେ। ସେଠାରେ ଜାନକୀ ହାଁସଦା ନାମକ ଯୁବତୀଙ୍କୁ ପ୍ରେମ କରିଥିଲେ। ପ୍ରେମ ପରେ ଉଭୟ ବିବାହ କରିବାକୁ ମନସ୍ଥ କରି ନିଜ ପ୍ରେମିକାକୁ ସାଙ୍ଗରେ ଧରି ଗାଁ ରେ ପହଞ୍ଚିଥିଲେ ରତନ ସୋରେନ। ଉଭୟ ପ୍ରେମ କରୁଥିବା ଏବଂ ବିବାହ କରିବାକୁ ମନସ୍ଥ କରିଥିବା ଜାଣିବା ପରେ ପରିବାର ଲୋକେ ପ୍ରେମକୁ ଗ୍ରହଣ କରିଥିଲେ। ହେଲେ ଯୁବତୀଙ୍କ ସହିତ କଥା ହେବା ପରେ ସେ ଅନ୍ୟ ଖ୍ରୀଷ୍ଟିଆନ ଧର୍ମ ର ହୋଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଯାହାକୁ ନେଇ ଗ୍ରାମ ମୁଖିଆ ଏକ ବୈଠକ ଡକାଇଥିଲେ ଏବଂ ବିବାହ କରିବାକୁ ହେଲେ ଧର୍ମ ପରିବର୍ତ୍ତନ କରିବାକୁ ପଡିବ ବୋଲି ନିଷ୍ପତ୍ତି ହୋଇଥିଲା। ଯାହାକୁ ସ୍ୱୀକାର କରି ନିଜ ଧର୍ମ ପରିବର୍ତ୍ତନ କରି ପୁନଃ ଜନ୍ମ ନେବା ପାଇଁ ସାନ୍ତାଳୀ ପରମ୍ପରା ଅନୁସାରେ ଉଇ ହୁଙ୍କାରେ ପଶିବା ପରେ ହଳଦୀ ଓ ଗଙ୍ଗା ପାଣିରେ ଗାଧୋଇଥିଲେ,ଚାରି ଗୋଟି କୁକୁଡ଼ା, ଗୋଟିଏ ବୁଦା ଏବଂ ଦୁଇଟି ହାଣ୍ଡିଆ ହାଣ୍ଡି ଦେଇ ଗ୍ରାମ ଠାକୁରଙ୍କୁ ପୂଜା କରି ସାନ୍ତାଳୀ ଧର୍ମରେ ସାମିଲ ହୋଇଥିଲେ। ଏହା ପରେ ଗ୍ରାମରେ ଉଭୟଙ୍କର ବିବାହ ଅନୁଷ୍ଠିତ ହୋଇଥିଲା।

# କାଡିଙ୍ଗାମାଳି ଖଣି କ୍ଷମତା ବୃଦ୍ଧିକୁ ନେଇ ସର୍ବସାଧାରଣ ଶୁଣାଣି

ଲକ୍ଷ୍ମୀପୁର, (ମହାଭାରତ): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାଡିଙ୍ଗାମାଳି ଖଣିର ଉତ୍ପାଦନ କ୍ଷମତା ୩.୬ ମିଲିୟନ ଟନ୍‌ରୁ ୬ ମିଲିୟନ ଟନ୍‌କୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଆଜି ଚମ୍ପି ଉଚ୍ଚ ବିଦ୍ୟାଳୟ ପରିସରରେ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ଲକ୍ଷ୍ମୀପୁର ବ୍ଲକର ଚମ୍ପି, ତୋୟାପୁଟ, ଓଡ଼ିଆପେଣ୍ଟା, ଲକ୍ଷ୍ମୀପୁର ସମେତ ଦଶମନ୍ତପୁର ବ୍ଲକର ମୁର୍କା ଅଞ୍ଚଳର ହଜାର ହଜାର ଜନସାଧାରଣ ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ। ଶୁଣାଣିରେ ଉପସ୍ଥିତ ଅନେକ ବକ୍ତା କହିଥିଲେ ଯେ, ଗତ ଆଠ ବର୍ଷ ଧରି କାଡିଙ୍ଗାମାଳି ଖଣିର କାର୍ଯ୍ୟକଳାପ ଅଞ୍ଚଳର ଅର୍ଥନୀତି ଓ ଜୀବନଯାପନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି। ଖଣି କାର୍ଯ୍ୟ ଯୋଗୁଁ ଗାଡ଼ି ମାଲିକ, ଡ୍ରାଇଭର, ହେଲ୍ପର, ସୁରକ୍ଷା କର୍ମୀ, ସ୍ଥାନୀୟ ବ୍ୟବସାୟୀ ଓ ବିଭିନ୍ନ କ୍ଷେତ୍ରର ଶ୍ରମିକମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରୋଜଗାର ପାଇଛନ୍ତି। ଏହା ଫଳରେ ଅନେକ ପରିବାର ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି।ଅଞ୍ଚଳବାସୀମାନେ କହିଥିଲେ ଯେ, ପୂର୍ବରୁ ରୋଜଗାର ଅଭାବରୁ ବହୁ ସଂଖ୍ୟକ ଯୁବକ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଉଥିଲେ। କିନ୍ତୁ ଖଣି କାର୍ଯ୍ୟ ଆରମ୍ଭ ହେବା ପରଠାରୁ ସ୍ଥାନୀୟ ସ୍ତରରେ ରୋଜଗାର ସୁଯୋଗ ବୃଦ୍ଧି ପାଇଥିବାରୁ ସେହି ପ୍ରବୃତ୍ତିରେ ହ୍ରାସ ଘଟିଛି। ସେହିପରି ରାସ୍ତାଘାଟ ଉନ୍ନତି, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ସାମାଜିକ ଉନ୍ନୟନ କାର୍ଯ୍ୟରେ ଖଣି ପରିଚାଳନା ଓ ଓଏମସିର ଅବଦାନ ରହିଥିବା ନେଇ ମଧ୍ୟ ବକ୍ତାମାନେ ମତ ରଖିଥିଲେ।ଶୁଣାଣିରେ ଅଧିକାଂଶ ଲୋକ ୬ ମିଲିୟନ ଟନ୍ କ୍ଷମତା ବୃଦ୍ଧି ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ କିଛି ଗଠନମୂଳକ ପରାମର୍ଶ ମଧ୍ୟ ଦେଇଥିଲେ। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଯୋଗାଯୋଗ କ୍ଷେତ୍ରରେ ଅଧିକ ପଦକ୍ଷେପ ନିଆଯିବା ସହିତ ସ୍ଥାନୀୟ ଯୁବକମାନଙ୍କୁ ଅଧିକ ରୋଜଗାର ସୁଯୋଗ ଦେବାକୁ ଦାବି ଉଠିଥିଲା। କିଛି ବକ୍ତା ଜୟପୁରରେ ପରିଚାଳିତ ଓଏମସି ଶିକ୍ଷାନୁଷ୍ଠାନ ଭଳି ଉନ୍ନତ ଶିକ୍ଷା ସୁବିଧା ଲକ୍ଷ୍ମୀପୁର କିମ୍ବା ଦଶମନ୍ତପୁର ଅଞ୍ଚଳରେ ମଧ୍ୟ ସ୍ଥାପନ କରିବାକୁ ଦାବି କରିଥିଲେ।ସମଗ୍ର ଶୁଣାଣି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିବେଶରେ ସମ୍ପନ୍ନ ହୋଇଥିଲା। ଉପସ୍ଥିତ ଜନସାଧାରଣ ଅଞ୍ଚଳର ସାମଗ୍ରିକ ବିକାଶ, ରୋଜଗାର ସୃଷ୍ଟି ଓ ଭବିଷ୍ୟତ ପ୍ରଗତିକୁ ଦୃଷ୍ଟିରେ ରଖି କାଡିଙ୍ଗାମାଳି ଖଣିର କ୍ଷମତା ବୃଦ୍ଧି ପ୍ରସ୍ତାବ ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରିଥିଲେ। ଅଞ୍ଚଳବାସୀଙ୍କ ବ୍ୟାପକ ସମର୍ଥନ ଓ ବିକାଶମୁଖୀ ମତାମତକୁ ଦେଖି ଏହି ପ୍ରସ୍ତାବ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଧାରଣ ମହଲରେ ଆଶା ପ୍ରକାଶ ପାଉଛି।ଏହି କାର୍ଯ୍ୟକ୍ରମରେ ଓଏମସି କର୍ତ୍ତୃପକ୍ଷ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ ଏବଂ ବହୁ ସଂଖ୍ୟକ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ବଣ୍ଟନ



ଆଳି,: କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ପକ୍ଷରୁ ଆଳି ବ୍ଲକର ବରିଷ୍ଠ ନାଗରିକ ମାନଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି । ଆଳି ଥାନା ପରିସରରେ ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଳି ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ଏସଆଇ ଲୀଳାବତୀ ସାମଲ ପ୍ରମୁଖ ଯୋଗ ଦେଇ ଏହି କାର୍ଡର ଉପକାରିତା ବିଷୟରେ ବୁଝାଇ ଥିଲେ ।ଏହି ଅବସରରେ ଆଳି ବ୍ଲକର ୬୨ ଜଣ ବରିଷ୍ଠ ନାଗରିକଙ୍କୁ ଏହି ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି ପରିଚୟ ପତ୍ର ପାଇବା ପରେ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଖୁସିର ମାହୋଲ ଦେଖା ଦେଇଥିଲା । ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଗୋବିନ୍ଦ ନନ୍ଦ, ମଧୁସୁଦନ ଦାସ,ଜଗଦୀଶ ଧଳ, ସନ୍ତୋଷ ବେହୁରିଆ,ବସନ୍ତ ସେନାପତି,କରୁଣାକର ସାମଲ, ନରହରି ପାତ୍ର, ସହଦେବ ସିଂ, ଲକ୍ଷ୍ମୀଧର ଦୀକ୍ଷିତ, ଦାଶରଥି ପ୍ରଧାନ ବିଶ୍ୱନାଥ ସାହୁ ଦଶରଥ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଫୁଲ ବେହେରା, ରଞ୍ଜିତ ଘଡ଼ାଇ,ନରୋତ୍ତମ ମହାନ୍ତି, ସରିତା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗାଁରେ ଏଲ୍ଇଡି ଲାଇଟ୍ ଲଗାଇବାରେ ବ୍ୟାପକ ଅନିୟମିତତା

# ଜିଲ୍ଲା ପରିଷଦରେ ପଶିଲା ଭିଜିଲାନ୍ସ, ଫାଇଲ ଉଠାଇ ନେଲା ଟିମ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ୧୯୧ ପଞ୍ଚାୟତର ୭୬୪ ଗାଁ ରେ ଏଲ୍ଇଡି ଲାଇଟ୍ ଲଗାଯାଇଥିଲା । ଏହି ଲାଇଟ ଗୁଡ଼ିକ ବାରମ୍ବାର ଅଚଳ ପାଇଁ ପଞ୍ଚାୟତ ରୁ ଜିଲ୍ଲା ପରିଷଦ ଯାଏଁ ବାରମ୍ବାର ଆଲୋଚନା ଓ ହଟଚମଟ ହୋଇଥିଲା । ଟେଣ୍ଡର ହାତେଇଥିବା ଠିକା ସଂସ୍ଥା ବାଲେଶ୍ୱରର ଟ୍ରାନ୍ସ ପାୱାର ମନମାନୀକୁ ନେଇ ଜିଲ୍ଲା ପ୍ରଶାସନ ଅଡୁଆରେ ପଡ଼ିଥିଲା । ଏହି ଘଟଣାକୁ ନେଇ ଭିଜିଲାନ୍ସ ଟିମ୍ ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଏଲ୍ଇଡି ଲାଇଟ ଲାଗିବା ଫାଇଲକୁ ନେଇଥିବା ସୂଚନା ମିଳିଛି । ନୟାଗଡ଼ ଜିଲ୍ଲାର ୭୬୪ ଗାଁ ରାଜ୍ୟ ସରକାରଙ୍କ ଅନୁଦାନରେ ଆଲୋକିକରଣ ବ୍ୟବସ୍ଥା କରାଯାଇଥିଲା । ନୟାଗଡ଼ ଜିଲ୍ଲା ପରିଷଦ ପକ୍ଷରୁ ଏନେଇ ଟେଣ୍ଡର କରାଯାଇ ଟ୍ରାନ୍ସ ପାୱାର ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ଗାଁ ର ଗ୍ରାମବାସୀ ମାନେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ଖୁସି ହୋଇଥିଲେ । କେତେଟି ଦିନ ଖୁସିରେ ବିତିଥିବା ବେଳେ ଏବେ ଅନ୍ଧକାର ରାଜୁତି କରୁଛି । ୨୦୧୮-୧୯ ମସିହାରେ ଆଲୋକୀକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଥିଲାୟ ନୟାଗଡ଼ ଜିଲ୍ଲାର ପ୍ରତି ପଞ୍ଚାୟତରେ ଗୋଟିଏ ଗାଁ କୁ ଏଥିରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଥିଲା । ମାତ୍ର କୌଣସି କାରଣବଶତଃ ଏହି କାମ ହୋଇ ପାରିନଥିବା ବେଳେ ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ମସିହା ୪ ବର୍ଷର ଅନୁଦାନରେ ଏକକାଳୀନ କାମ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଫଳରେ ପ୍ରତି ପଞ୍ଚାୟତର ସର୍ବାଧିକ ଜନସଂଖ୍ୟା ଥିବା ୪ଟି ଗାଁକୁ ପ୍ରାଧାନ୍ୟ ଦିଆଯାଇ ଏଲ୍ଇଡି ଲାଇଟ ଲଗାଗଲା । ପ୍ରତି ଗାଁରେ ୧୦ଟି ଏଲ୍ଇଡି ଲାଇଟ ଲଗାଯାଇଥିଲା ।



ଏଥିପାଇଁ ପ୍ରତି ପଞ୍ଚାୟତରୁ ଏସ୍ଏଫ୍ସି ପାଣ୍ଠିରୁ ଅନୁଦାନ ଅଣାଯାଇଥିଲାୟ ପ୍ରତି ପଞ୍ଚାୟତରୁ ୨ ଲକ୍ଷ ୬୦ ହଜାର ଟଙ୍କା ଅଣାଯାଇ ଜିଲ୍ଲା ପରିଷଦ ପକ୍ଷରୁ ଉକ୍ତ କାର୍ଯ୍ୟ ସମାପନ ହୋଇଥିଲା । ଜିଲ୍ଲାରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲା । ୨୦୨୨ ମସିହାରେ ଉକ୍ତ ଏଲ୍ଇଡି ଲାଇଟ୍ ଲଗାଇବା ପାଇଁ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ୧୯୪ ପଞ୍ଚାୟତରେ ଲାଇଟ ଲଗାଇବା କାର୍ଯ୍ୟ କରାଯାଇଥିବା ବେଳେ ଏବେ ୯୦% ପ୍ରତିଶତ ଏଲ୍ଇଡି ଲାଇଟ ଅଚଳ ହୋଇପଡ଼ିଛି । ଠିକାସଂସ୍ଥା ମରାମତି ପାଇଁ ୫ ବର୍ଷର ଗ୍ୟାରେଣ୍ଟି ଦେଇଥିବା ବେଳେ ଗୋଟିଏ ବର୍ଷ ବି ଉକ୍ତ ଲାଇଟ ଜଳିନଥିଲାୟ ବାରମ୍ବାର ଏ ନେଇ ପଞ୍ଚାୟତ ସମିତି ବୈଠକ, ଜିଲ୍ଲା ପରିଷଦ ବୈଠକରେ ତୁମ୍ଭି ତୋଫାନ ହୋଇଥିବା ବେଳେ ସଂପୃକ୍ତ ଠିକାସଂସ୍ଥାକୁ ଜିଲ୍ଲା ପ୍ରଶାସନ ଚିଠି କରିଥିଲା । ଠିକାସଂସ୍ଥା କିଛି ଏଲ୍ଇଡି ଲାଇଟ ମରାମତି କରିଥିବା ବେଳେ ଏହା ପଛରେ ବଡ଼ଧରଣର କେଳେଙ୍କାରୀ ରହିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା । ଏପରିକି ଜିଲ୍ଲା ପରିଷଦ ବୈଠକରେ ଉକ୍ତ ମାମଲାର ତଦନ୍ତ ପାଇଁ ମଧ୍ୟ ପ୍ରସ୍ତାବ ପାରିତ ହୋଇଥିଲା ।ଗତ ଜୁନ ୬ ତାରିଖରେ ଜିଲ୍ଲାପାଳ ଉକ୍ତ ଠିକାସଂସ୍ଥାର ଟେଣ୍ଡର ଚୁକ୍ତି ବାତିଲ କରିଥିବା ସୂଚନା ମିଳିଛି । ଏପରିକି ଉକ୍ତ ସଂସ୍ଥାଠାରୁ ଜରିମାନା ବାବଦରେ ଅର୍ଥ ମଧ୍ୟ ଆଦାୟ କରାଯାଇଛି । ଏହି ଘଟଣାକୁ ନେଇ ଭିଜିଲାନ୍ସରେ ଅଭିଯୋଗ ପରେ ଆଜି ଭିଜିଲାନ୍ସ ବିଭାଗ ଘଟଣାର ତଦନ୍ତ ଆରମ୍ଭକରିଛି । ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରୁ ଫାଇଲ୍ ଆଣିବା ସହ ବିଭିନ୍ନ ସ୍ଥାନରେ ଛାନଭିନ୍ କରାଯାଉଥିବା ସୂଚନା ମିଳିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ଏଭଳି ଅନିୟମିତତା ଅଭିଯୋଗ ଆଧାରରେ ତଦନ୍ତ କରାଯାଇଛି । ଗୋଟିଏ ଜିଲ୍ଲା ପାଇଁ ୨୭ ଜଣିଆ ଟିମ୍ ନିଯୁକ୍ତି କରାଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡିଏସ୍ପି ଏବଂ ଇନ୍ସପେକ୍ଟରଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଛନ୍ତି । ମୋଟ ୮୧ ଜଣ ଅଧିକାରୀ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛନ୍ତି । ତଦନ୍ତ ସମୟରେ ବ୍ୟାପକ ଅନିୟମିତତା, ଟେଣ୍ଡର ନିର୍ଦ୍ଦେଶାବଳୀର ଉଲ୍ଲଘନ ଏବଂ ଅଧିକାରୀଙ୍କ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର ହୋଇଥିବା ନିଶ୍ଚିତ ହୋଇଛି । ଭିଜିଲାନ୍ସ ବିଭାଗ ଅନିୟମିତତାର ମୂଲ୍ୟାୟନ କରୁଥିବା ସୂଚନା ମିଳିଛି । ଏହି କେଳେଙ୍କାରୀରେ ବହୁ ସରକାରୀ ଅଧିକାରୀ ପଡ଼ିବା ନିଶ୍ଚିତ ବୋଲି ଆଲୋଚନା ହେଉଛି ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ସାଂସ୍କୃତିକ କାର୍ଯ୍ୟ କର୍ମରେ ଦୁଲିକିଲା ଷ୍ଟେଜ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ରେ ବିକାଶର ଧାର। ଓଡ଼ିଶା ସାରୟ କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ପି ଡି ଦୟାମୟ ପାଢ଼ୀ ଓ ସଂସ୍କୃତି ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟ କର୍ମ ଶୁଭ ଆରମ୍ଭ ହୋଇ ଥିଲା । ପରେ ବିଭିନ୍ନ ସଂସ୍କୃତି ଅନୁଷ୍ଠାନ ପକ୍ଷ ରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏମାନଙ୍କୁ ଅତିଥି ମା ନଙ୍କ ଦ୍ୱାରା ପୁରସ୍କୃତ ମାନ ପତ୍ର ପ୍ରଦାନ କରାଯାଇଥିଲା ଏହି କାର୍ଯ୍ୟ କର୍ମରେ ବିଭିନ୍ନ ବିଭାଗ ର ଷ୍ଟଲ ଖୋଲାଯାଇଛି । ସରକାର ଙ୍କ ବିଭିନ୍ନ ଜୋଜାନ୍ ଉପରେ ଲୋକଙ୍କୁ ସଚେତନୟ କରାଯାଇଛି ।ସରକାର ଯୋଜନା ରେ କିପରି ଅନ୍ତର୍ଭୂକ୍ତ ହେବେ । ବିଭିନ୍ନ ବିଭାଗ ର ଅଧିକାରୀ କର୍ମ ଚାରି ଉପସ୍ଥିତ ରହି ଲୋକଙ୍କୁ ସଚେତନତା କରାଯାଉଛି । ଲୋକେ ଉପସ୍ଥିତ ରହି ସରକାର ଙ୍କ ଯୋଜନା ଉପରେ ପଚାରି ବୁଝୁଛନ୍ତି ।

# ଡାକ୍ତରଖାନା ସ୍ଥାନାନ୍ତରିତ ନେଇ ତୀବ୍ର ପ୍ରତିକ୍ରିୟା

ବଲାଙ୍ଗୀର/ଟିଟିଲାଗଡ(ମହାଭାରତ): ବଲାଙ୍ଗୀର ଜିଲ୍ଲା ସ୍ତରୀୟ ଟିଟିଲାଗଡ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ସ୍ଥାନୀୟ ବିଧାୟକ ନବୀନ ଜୈନ ଙ୍କ ଅଗୋଚର ରେ ମୁଖ୍ୟ ଚିକିତ୍ସାଧିକାରୀ ତରବରିଆ ଭାବେ ରାଜନୈତିକ ଛତ୍ର ଛାୟା ଖେଳାଇ ତରବରିଆ ଭାବେ ସ୍ଥାନାନ୍ତରିତ କରି ଦିଆ ଯାଇଥିବା ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ପୂର୍ବତନ ବିଧାୟିକା ଟୁକୁନି ସାହୁ ଙ୍କ ଅମଳ ରେ ତିବ୍ର ବିରୋଧ କରାଯାଇଥିଲା । ଯଦ୍ୱାରା ଚିକିତ୍ସାଳୟ ସେହିପରି ଚାଲିଥିଲା,ବେଆଇନ୍ ଭାବେ କୋଟି, କୋଟି ଟଙ୍କା ବ୍ୟୟ ଅଟକଳ ଦର୍ଶାଯାଇ ଅର୍ଥ ହଡପ କରିବା ପାଇଁ ଏହି ଚିକିତ୍ସାଳୟ କୁ ନିର୍ମାଣ କରି ଠିକାଦାର,ରାଜନେତା,ସରକାରୀ ଅଧିକାରୀ ବେଶ୍ ମାଲା, ମାଲ ହୋଇ ଥିଲେ । ଏହି ଚିକିତ୍ସାଳୟ ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରଦୀପ ନାଏକ ଏହି ସବୁ ଜାଲିଆତି ମାମଲା ଯୋଗୁଁ ବଲାଙ୍ଗୀର ଜିଲ୍ଲାପାଳ ଦରମା ବନ୍ଦ କରିଥିଲେ ।ସେହିପରି ବ୍ୟାପକ ଅନିୟମିତତା ଓ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏକ କୋଟି ଟଙ୍କା ହଡ଼ପ କରିଦେଇ ଚାଲିଯିବା ପରେ ସ୍ଥାନାନ୍ତରିତ କରାଯିବା ଅତ୍ୟନ୍ତ ଜରୁରୀ ହୋଇ ଯାଇଥିଲା । ଚିକିତ୍ସାଳୟ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଥାଇ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ନ ଥିଲେ ସବୁ ଜାଲିଆତି ମାମଲା ରେ ହରଡ ଘଣା ରେ ପଡି ଯାଇ ଥାନ୍ତେ ।ପ୍ରକାଶ ଯେ,ପୂର୍ବତନ ମନ୍ତ୍ରୀ ତଥା ବିଧାୟୀକା ଟୁକୁନି ସାହୁ ଙ୍କ ନିକଟ କୁ ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ନାଏକ ଯାଇ ଏକ ପତ୍ର ଗୋପନୀୟ ଭାବେ ଲେଖାଇ ବଲାଙ୍ଗୀର ଯାଇ ବିଜେଡି ର ଟାଣୁଆ ନେତା କଳିକେଶ ସିଂଦେଓ ଙ୍କୁ ମଧ୍ୟ ସାକ୍ଷାତ କରିଥିଲେ ଓ ନିଜ ଦରମା ସହ ସ୍ଥାନାନ୍ତରିତ କରିବା ରେ ସଫଳ ହୋଇ ଥିଲେ । ସ୍ଥାନିୟ ବିଧାୟକ ନବୀନ ଜୈନ ଙ୍କୁ ଏହି ସ୍ଥାନାନ୍ତରିତ ନେଇ ମୁଖ୍ୟ ଚିକିତ୍ସାଧିକାରୀ ସାକ୍ଷାତ କରିଥିବା ବେଳେ ସେ ୧୬ ତାରିଖ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଶ୍ରୀ ଜୈନ ଙ୍କ ଅଗୋଚର ରେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇଥିବା ବେଳେ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ଆରମ୍ଭ ହୋଇ ଯାଇଛି ।ଉକ୍ତ ପୁରୁଣା ୧୦୦ ଶଯ୍ୟା ବିଶିଷ୍ଟ କୋଠା ସହ ଉପର ମହଲା ରେ ଅସଂଖ୍ୟ ରୋଗୀ ଙ୍କ ବ୍ୟାଡ ସୁବିଧା ଥାଇ ସହର ବାହାରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳ ଦର୍ଶାଯାଇ ମାତ୍ର ୯୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ହୋଇଛି ।ସାଧାରଣ ଙ୍କ ଜୀବନ ସହ ନିଜ ସ୍ୱାର୍ଥ ଓ ଅର୍ଥ ଆତ୍ମସାତ କରିବା ମନୋବୃତ୍ତି ନେଇ ବେଆଇନ୍ ଭାବେ ଏହି ଡାକ୍ତରଖାନା ସ୍ଥାନାନ୍ତରିତ କରି ଥିବା ବେଳେ ବଲାଙ୍ଗିର ଭଳି ଏହି ପୁରୁଣା ଡାକ୍ତରଖାନା ପୂର୍ବ କାର୍ଯ୍ୟକାରୀ କରାଯାଉ ବୋଲି ବିଭିନ୍ନ ମହଲ ରେ ଦାବି ହୋଇଛି ।

## ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ

ଅସ୍ତରଙ୍ଗ,(ମହାଭାରତ) : ସରକାର ଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତୀ ଅବସରରେ ଅସ୍ତରଙ୍ଗ ବ୍ଲକ ରେ ବିଭିନ୍ନ ପଞ୍ଚାୟତ ରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ଗତ ୨୧ ରୁ ୨୩ତାରିଖ ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ସଭା ଗୃହ ରେ ଏହି କାର୍ଯ୍ୟକ୍ରମ ପାଳିତ ହେଉଛି, ଦୁଇ ବର୍ଷ ଭିତରେ ଛୋଟ ଠୁ ବୟସ୍କ ପ୍ରତ୍ୟେକ ଙ୍କ ପାଇଁ ସରକାର ଆଣିଥିବା ଅନେକ ବ୍ୟବସ୍ଥା ଉପରେ ଆଲୋଚନା, ସଚେତନତା ଓ କାର୍ଯ୍ୟଦକ୍ଷତା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଭାଗୀୟ କର୍ମଚାରୀ ଙ୍କୁ ନେଇ ପାଳିତ ହେଉଛି,ମୁଖ୍ୟତଃ ମହିଳା ଶିଶୁ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ, କମନ ସର୍ଭିସ ସେଣ୍ଟର, ମିଶନ ଶକ୍ତି,



ପଞ୍ଚାୟତରାଜ ବିଭାଗ କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହେଉଥିବା ବେଳେ ଅନ୍ୟ ବିଭାଗ ମଧ୍ୟ ସାମିଲ ଅଛନ୍ତି,ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଆୟୁଷ୍ମାନ ଯୋ ବନ୍ଦନା ଯୋଜନା,ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ସୁଭଦ୍ରା ଯୋଜନା, ପିଏମ ସୋନିଧି,ଲକ୍ଷେ ପତି ଦିଦି,ଭିନ୍ନକ୍ଷମ ମାନଙ୍କୁ ସହାୟକ ଉପକରଣ ବଣ୍ଟନ,ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ବସୁନ୍ଧରା ଯୋଜନା, ଜଙ୍ଗଲ ଅଧିକାର ଆଇନ ଅଧୀନରେ ପଟ୍ଟା ବଣ୍ଟନ, ଶ୍ରମିକ କାର୍ଡ,ରୋଗ ନିରୂପଣ ଓ ପରୀକ୍ଷା,ସିଏମ କିସାନ ସହିତ ଅନେକ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କ ରେ ଆଲୋଚନା, ସଚେତନତା କରାଯାଇଛି,ଏହି କାର୍ଯ୍ୟକ୍ରମ ରେ ମାଣ୍ଡୁକି ଏଡିଓ ସ୍ମୃତି ସଞ୍ଜିତା ମହାନ୍ତି, ମାଣ୍ଡୁକି ପିଇଓ ବିଧୁ ଭୂଷଣ ମହାନ୍ତି, ନୂଆଗଡ ସେକ୍ଟର ଅଙ୍ଗନବାଡି ସୁପରଭାଇଜର ଜ୍ୟୋତ୍ସ୍ନା ରାଣୀ ଦାସ, ମାଣ୍ଡୁକି ପଞ୍ଚାୟତ ନାଏବ ସରପଞ୍ଚ ଦେବାଞ୍ଜଳି ଖଟୋଇ ଉପସ୍ଥିତ ରହି ସରକାର ଙ୍କ ଦୁଇ ବର୍ଷ ଭିତରେ ହୋଇଥିବା ବିକାଶ ବାର୍ତ୍ତା ବିଷୟରେ ଆଲୋଚନା କରିଥିଲେ,ମୁଖ୍ୟତଃ ସରକାର ଙ୍କ କନ୍ୟା ବିବାହ ଯୋଜନା ଉପରେ ଆଲୋଚନା ହେବା ସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୭ ଜଣ ହିତାଧିକାରୀ ଙ୍କୁ କାର୍ଡ ବଣ୍ଟନ କରାଯାଇଛି ।

## ହୀରାକୁଦ ବିସ୍ଥାପିତଙ୍କ ଜୁଲାଇ ୧ ରୁ ଅନଶନ ଧର୍ମଘଟ ର ଚେତାବନୀ

ସମ୍ବଲପୁର,,:ହୀରାକୁଦ ବନ୍ଧ ଯୋଜନା ସ୍ୱାଧୀନ ଭାରତ ବର୍ଷର ବିକାଶର ମାଇଲ ଖୁଣ୍ଟର ଗୌରବମୟ ଇତିହାସ ହୋଇ ଥିବା ବେଳେ ଏହି ନଦୀ ବନ୍ଧ ପାଇଁ ହୋଇଥିବା ଅସମାହିତ ବିସ୍ଥାପନ ଓ ଥଇଥାନ ସମସ୍ୟା ନିଶ୍ଚିତରେ ଏକ ବିରାଟ ମାନବୀୟ ବ୍ୟୁତ୍ପାତ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାନଦୀ ଉପରେ ନିର୍ମିତ ହୀରାକୁଦ ନଦୀବନ୍ଧ ର ବନ୍ୟା ନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ ଉତ୍ପାଦନ, ଶିଳ୍ପ ବିକାଶ ପାଇଁ ଏ ଜାତିକୁ ଏକ ନୂତନ ଦିଗଦର୍ଶନ ଦେଇ ପାରିଛି । ଏହି ନଦୀବନ୍ଧ ଯୋଜନା ର ପାଣି ମାଡୁ ନଥିବା ଜମି କୁ ସମ୍ବଲପୁର ଜିଲ୍ଲାର କିଲାସମା ମୌଜା ରେ ପୁନର୍ବସତି ସ୍ଥାପନ କରିଥିବା ହୀରାକୁଦ ବିସ୍ଥାପିତ ପରିବାରବର୍ଗ ଦୀର୍ଘ ଦଶନ୍ଧି ଧରି ପୂର୍ବ ପୁରୁଷାନୁକ୍ରମିକ ଭାବେ ଭୋଗ ଦଖଲ କରି ଆସୁଛନ୍ତି । ତେବେ ବିକାଶ ନାଁ ରେ ବିସ୍ଥାପିତ ପରିବାର ବର୍ଗଙ୍କ ପେଟ ପାଟଣା ଓ ଜୀବନ ଜୀବିକାର ଆଧାର ଥିବା ପୂର୍ବ ପୁରୁଷ ଙ୍କ ଭିଟାମାଟି ରୁ ପୁଣି ଉଚ୍ଛେଦ କରି କିଲାସମା ମୌଜା ର ଉକ୍ତ ଜମି ରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିପତି ଙ୍କୁ ବିକ୍ରି କରିବାକୁ ସରକାରୀ ନିଷ୍ପତ୍ତିର ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛିୟ କିଲାସମା ମୌଜା ରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିପତି ଙ୍କ ହାତ କୁ ଟେକି ଦେବାକୁ ଚିହ୍ନଟ କରାଯାଇ ଥିବା ଜମି ବିକ୍ରି ବାତିଲ୍ କରାଯାଉ । ସରକାର ଉକ୍ତ ଜମି କୁ ଦୀର୍ଘ ଦଶନ୍ଧି ହେଲା ଭୋଗ ଦଖଲ କରି ଆସୁଥିବା ହୀରାକୁଦ ବିସ୍ଥାପିତ ଙ୍କ ନାମ ରେ ରେକର୍ଡ଼ଭୁକ୍ତ କରନ୍ତୁ ବୋଲି ଜିଲ୍ଲାପାଳ ଙ୍କ ଠାରେ ଦାବୀ କରାଯିବା ସହିତ ଏସଂକ୍ରାନ୍ତ ରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଙ୍କୁ ଅବଗତ କରାଯାଇଛି । ଆସନ୍ତା ଏକ ସପ୍ତାହ ମଧ୍ୟ ରେ ଏସଂକ୍ରାନ୍ତ ରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଜୁଲାଇ ୧ ତାରିଖ ରୁ ଅନଶନ ଧର୍ମଘଟ କରାଯିବ ବୋଲି କିଲାସମା ମୌଜା ର ବିସ୍ଥାପିତ ପରିବାର ବର୍ଗ ଚେତାବନୀ ଦେଇଛନ୍ତି । କିଲାସମା ମୌଜା ରେ ରହୁଥିବା ହୀରାକୁଦ ବିସ୍ଥାପିତ ପରିବାରବର୍ଗ ଅତି କ୍ଷୋଭ ର ସହ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି ଯେ ବିସ୍ଥାପିତ ପରିବାର ଙ୍କ ପାଇଁ ହୀରାକୁଦ ବିସ୍ଥାପନ କେବଳ ଜମି ହରାଇବା ଓ ବିସ୍ଥାପିତ ହେବାର କରୁଣ କାହାଣୀ ନୁହେଁ ଏହା ଅସହାୟତା, ଅପମାନ, ଅନିଶ୍ଚିତତା ଏବଂ ପ୍ରଶାସନିକ କଠୋରତା ର ଏକ ଅମାମାନବିକତା ର ନଗ୍ନ ଚିତ୍ର ଅଟେ । ବନ୍ଧ କାମ ଆଗକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ଲୋକଙ୍କୁ ଭିଟାମାଟି ଛାଡିବାକୁ ବଳପୂର୍ବକ ବାଧ୍ୟ କରାଯାଇଥିବା କଥା ଆଜି ମଧ୍ୟ ଲୋକ ସ୍ମୃତିରେ ଜୀବନ୍ତ ରହିଛି । ଜୀବନ ବିକଳରେ ଲୋକ ଦିଗହରା ହୋଇ ଯିଏ ଯେଉଁଠି ପାରିଲେ ଆଶ୍ରୟ ନେବା ସହ ସେମାନଙ୍କ ଉଜୁଡା ସଂସାରକୁ ସାଉଁଟିବାର ପ୍ରୟାସ କରି ପୁନର୍ବସତି ସ୍ଥାପନ କଲେୟ ଆମେ ମୂଳ ବିସ୍ଥାପିତ ପରିବାର ର ତୃତୀୟ ପିଢିର ବଂଶଜ ଅଟୁୟ ଆମର ପୂର୍ବଜ ହୀରାକୁଦ ବନ୍ଧ ଜଳାଶୟରେ ବିଲୀନ ହୋଇଯାଇଥିବା ପଧାନପାଲି ଗ୍ରାମର ଭୂମିହୀନ ପରିବାରବର୍ଗ ଥିଲେ । ସେମାନେ ଉଦବାସ୍ତୁ ହେବାପରେ, ଜୀବନ ବଞ୍ଚିବା ପାଇଁ ହୀରାକୁଦ ବନ୍ଧ ଜଳାଶୟ ପାର୍ଶ୍ୱସ୍ଥ କିଲାସମା ରାଜସ୍ୱ ଗ୍ରାମରେ ଉପଲବ୍ଧ ସରକାରୀ ଜମି ଉପରେ ବୁଡି ପଧାନପାଲି, ଘାଟିପଡ଼ା, ନାଗପଡା, ଗୁଣ୍ଡାମାଳ ନାମରେ ବସତି ସ୍ଥାପନ କରି, ପଠାରିଆ, ଟାଙ୍ଗରିଆ, ଖାଲଡିପ ଜମିକୁ ସମତୁଲ ଓ ଚାଷ ଉପଯୋଗୀ କରି, ସେଥିରୁ ଅମଳ କରୁଥିବା ଫସଲ ଉପାର୍ଜନରୁ ହିଁ ଦୀର୍ଘ ସତୁରୀ ବର୍ଷ ହେବ ଜୀବନ ଜୀବିକା ପାଇଁ ସଂଘର୍ଷ କରି ଆସୁଛୁୟ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଇତ୍ୟାଦି ସୁଯୋଗରୁ ବଞ୍ଚିତ ହୋଇଛୁ । ନିଜ ଅଧିକାର, ଜମି ପଟ୍ଟା, ସ୍ଥାୟୀ ଥଇଥାନ ପାଇଁ ଲଢେଇ ଜାରି ରଖିଛୁୟ ହୀରାକୁଦ ବନ୍ଧ ପାଇଁ ଉପକୂଳ ଓଡିଶା ବନ୍ୟା ଦାଉରୁ ସୁରକ୍ଷା ପାଇଲାୟ ଲକ୍ଷ ଲକ୍ଷ ଏକର ଜମି ଜଳସେଚିତ ହେଲା, କାରଖାନା ପାଇଁ ପାଣି ଓ ବିଦ୍ୟୁତ ମିଳିଲା । କିନ୍ତୁ ସର୍ବସ୍ୱ ତ୍ୟାଗ କରିଥିବା ବିସ୍ଥାପିତ ପାଇଲେ କଣ ? ଆମ ପୂର୍ବ ପିଢ଼ି, ଅଜା ବାପା ଲଗାତାର ସଂଗ୍ରାମ କରିବା ସତ୍ତ୍ୱେ ଦଖଲରେ ଥିବା ଘରଡ଼ିହ ବା ଚାଷଜମି କୁ ନିଜ ପରିବାର ନାମରେ ଜମି ପଟ୍ଟା ଖଣ୍ଡିଏ ମଧ୍ୟ କରାଇ ପାରିଲେ ନାହିଁ ।

# ଫିରିଙ୍ଗିଆ ବ୍ଲକରେ ପାଣି ପାଇଁ ଡହଳବିକଳ ଆଦିବାସୀ ପରିବାର

ଫିରିଙ୍ଗିଆ:କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଲଡ଼କା ଗ୍ରାମର ଟଣସୁପଙ୍ଗା ସାହିରେ ବିଶୁଦ୍ଧ ପାନୀୟ ଜଳ ଅଭାବରେ ଆଦିବାସୀ ପରିବାର ଚରମ ଦୁର୍ବିସହ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି । କୂଅ ପାଣି ଉପରେ ନିର୍ଭର କରିବା ଫଳରେ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି ।ଟଣାସୁପଙ୍ଗା ସାହିରେ (୧୫) ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି । ଯାହା ଫଳରେ ଗ୍ରାମବାସୀ ପିଲାଠାରୁ ବୃଦ୍ଧା କୂଅ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି । ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ, ବିଧାୟକଙ୍କ ଜନଶୁଣାଣୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏ ବାବଦରେ ବାରମ୍ବାର



ଅଭିଯୋଗ କରି ଆସୁଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ । ସେମାନଙ୍କ କହିବା ଅନୁଯାୟୀ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗ୍ରାମ ବିଶୁଦ୍ଧ ପାନୀୟ ଜଳ ଯୋଜନା ଫେଲ୍ ହେଇଛି ।ଜନପ୍ରତିନିଧି ଓ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ କେବଳ କାଗଜପତ୍ରରେ ସିମୀତ ରହି ଯାଉଛି । ଫିରିଙ୍ଗିଆ ବ୍ଲକରେ ଅନେକ ପଞ୍ଚାୟତ ର ଅନେକ ଗାଁ ଅଛି ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି ବୋଲି ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ପାନୀୟ ଜଳ ସଙ୍କଟ ଦେଖାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୂଷିତ ଅନୁପ୍ଯୁକ୍ତ ପାଣି ପିଇବା ଫଳରେ ବିଭିନନ୍ନ ରୋଗର ପ୍ରକୋପ ବଢୁଛି । ଯାହା ଗ୍ରାମବାସୀଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି ।ଏ ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ରହିଛି ବୋଲି କହିଛନ୍ତି ଗ୍ରାମବାସୀ । ଏନେଇ ଫିରିଙ୍ଗିଆ ବ୍ଲକ ବିଭାଗୀୟ ଯନ୍ତ୍ରୀ ଯୋଗାଯୋଗ କରିଥିଲେ ସତ୍ତ୍ୱେ ଯୋଗାଯୋଗ ହୋଇ ପାରିନାହିଁ । ତେଣୁ ଟଣାସୁପଙ୍ଗା ସାହିରେ ଏକ ନୂତନ ନଳକୂପ ଖୋନନ କରିବା ନିମନ୍ତେ ଲିଟୁନ ଦିଗାଲ,ସମକା ଦିଗାଲ, ଅଚ୍ୟୁତ ଦିଗାଲ,ମୋହନ ଦିଗାଲ,ସାବତ ଦିଗାଲ,ରଣମତୀ ଦିଗାଲ, ମମତା ଦିଗାଲ,ପଞ୍ଚୁ ଦିଗାଲ, ଡ୍ରମ୍ବୁ ଦିଗାଲ ସମେତ ଗଙ୍ଗଲଡ଼କା ୱାର୍ଡର ୱାର୍ଡ ମେମ୍ବର ଶିବ ଦିଗାଲ ଦାବି କରିଛନ୍ତି । ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏଁ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀୟଖବର ପ୍ରସାରଣ ପରେ ସଂପୃକ୍ତ କର୍ତ୍ତୃପକ୍ଷ କେଉଁ ପଦକ୍ଷେପ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା ।

## ନିଶାମୁକ୍ତ ଭାରତ ଅଭିଯାନ ସପ୍ତାହ ପାଳିତ

କୃଷ୍ଣପ୍ରସାଦ(ମହାଭାରତ ) :ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିଆଳ ଗ୍ରାମପଞ୍ଚାୟତ ମୋରଡା ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ନିଶାମୁକ୍ତ ଭାରତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜୟ କିଷାନ ଯୁଥ କ୍ଲବ ଜଙ୍କିଆ ଗଡ଼ସାହି କଣାସ ଆନୁକୂଲ୍ୟରେ ମାଲୁଦ ଠାରେ ଥିବା ନିଶାମୁକ୍ତି ଚିକିତ୍ସା ଓ ଥଇଥାନ କେନ୍ଦ୍ର ଆଶ୍ରୟ ତରଫରୁ ଏହି ସଚେତନତା ଶିବିର ହୋଇଥିଲା । ଆଶ୍ରୟ କେନ୍ଦ୍ର ର ପ୍ରକଳ୍ପ ନିର୍ଦ୍ଦେଶକ ଅଜୟ କୁମାର ସୁନ୍ଦରାୟ,, ସୁବାସ ଚନ୍ଦ୍ର ଦେବତା, ପ୍ରଶାନ୍ତ କୁମାର ଭଞ୍ଜ ଙ୍କ ନେତୃତ୍ୱ ନେଇଥିଲେୟ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାର୍ଥୀ ଙ୍କୁ ନେଇ ନିଶା ସେବନ ର ଅପକରିତା କିଭଳି ଭାବରେ ସୁସ୍ଥ ଜୀବନ କୁ ମୃତ୍ୟୁ ମୁଖରେ ପକାଇଥାଏ ଅଜୟ କୁମାର ସୁନ୍ଦରାୟ ବର୍ଣ୍ଣନା କରିଥିଲେ । ନିଶା ସେବନ ରୁ ନିବୃତ କରିବା ପାଇଁ ଏହି ବାର୍ତ୍ତା ଘରେ ଘରେ ପହଂଚାଇବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ କହିଥିଲେୟ ଜୀବନରେ ଥରେ ମଧ୍ୟ ନିଶା ସେବନ କରିବେ ନାହିଁ ସେଥିପାଇଁ ସମସ୍ତ ଙ୍କୁ ଶପଥ ପାଠ କରାଇଥିଲେ । ନିଶାମୁକ୍ତି ଭାରତ ପାଇଁ ପ୍ଲା କାର୍ଡ ଧରି ପଦଯାତ୍ରା ରେ ମୋରଡା, ପୁଟୁ ମୋରଡା, ବାଉରୀ ସାହି ରେ ସ୍ଲୋଗାନ ଦେଇ ସଚେତନତା କରାଇଥିଲେ । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମିନ ବିଶ୍ୱାଳ ଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଭେନେଜୁଏଲାରେ ଶକ୍ତିଶାଳୀ ଭୂମିକମ୍ପ, ୧୬୪ ମୃତ

ଭେନେଜୁଏଲା: ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଭେନେଜୁଏଲାର ରାଜଧାନୀ କାରାକାସ୍ ନିକଟବର୍ତ୍ତୀ ଅଞ୍ଚଳରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଝଟକା । ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ପ୍ରାୟ ୧୬୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧ ହଜାରରୁ ଅଧିକ ଆହତ ହୋଇଛନ୍ତି । ଧ୍ୱଂସାବଶେଷ ତଳେ ବହୁ ଲୋକ ଫସି ରହିଥିବାରୁ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା ରହିଛି । ବିପନ୍ନଙ୍କୁ ଉଦ୍ଧାର ପାଇଁ ବ୍ୟାପକ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଉଦ୍ଧାର କାର୍ଯ୍ୟରେ ସେନାକୁ ମଧ୍ୟ ମୁତୟନ କରାଯାଇଛି । ଭୂମିକମ୍ପ ପରେ ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି ଦେଲସି ରୋଡ୍ରିଗେଜ ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି। ପ୍ରଥମେ ୭.୨ ଏବଂ ଏହାର କିଛି ସେକେଣ୍ଡ ପରେ ୭.୫ ତୀବ୍ରତାର ଭୂମିକମ୍ପ ହୋଇଥିବା ସୂଚନା ମିଳିଛି । ଏହାର କେନ୍ଦ୍ରସ୍ଥଳ କାରିବିଆନ୍ ଉପକୂଳରେ ମୋରୋନ୍ ସହରରୁ ପ୍ରାୟ ୨୮ କିଲୋମିଟର ପଶ୍ଚିମରେ ଥିଲା ଏବଂ ଏହାର ଗଭୀରତା ୧୩ କିଲୋମିଟର ଥିବା ଜଣାପଡିଛି। ଭୂକମ୍ପ ଯୋଗୁଁ ଲୋକେ ଭୟରେ ଘର ବାହାରକୁ ଦୌଡ଼ି ପଳାଇଆସିଥିଲେ । ଏହି ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାରି ମଧ୍ୟରେ ଭେନେଜୁଏଲାର ଗୃହମନ୍ତ୍ରୀ ଦିଓସଡାଡୋ କାବେୟୋ କହିଛନ୍ତି ଯେ କାରାକାସର ଆଲଟାମିରା ଅଞ୍ଚଳର ପରିସ୍ଥିତି ବହୁତ ଗମ୍ଭୀର ରହିଛି । ଅନେକ ଘର ଏବଂ କୋଠା ଭୁଶୁଡ଼ି ପଡ଼ିଛି । ଭୂକମ୍ପ ପରେ ଦୁର୍ବଳ କୋଠାଗୁଡ଼ିକୁ ଆହୁରି କ୍ଷତି ପହଞ୍ଚାଇପାରେ । ତେଣୁ ଲୋକଙ୍କୁ ଘର ଭିତରକୁ ନ ଯିବାକୁ ସେ ଅନୁରୋଧ କରିଛନ୍ତି । କିଛି ଲୋକ ଆହତ ହୋଇଥିବା ରିପୋର୍ଟ ହୋଇଛି । ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହନ ପାଇଁ ରାସ୍ତା ଛାଡ଼ିବାକୁ ମଧ୍ୟ ଡ୍ରାଇଭରମାନଙ୍କୁ କୁହାଯାଇଛି । ଏବେ ପ୍ରଶାସନ ସ୍ଥିର ନିୟମ ମଧ୍ୟରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଅନ୍ୟପଟେ ଆମେରିକା ପ୍ରଶାନ୍ତ ମହାସାଗର ସୁନାମି ସତର୍କତା କେନ୍ଦ୍ର ପୁଏର୍ଟୋ ରିକୋ ଏବଂ ଭର୍ଜିନ୍ ଦ୍ୱୀପପୁଞ୍ଜ ପାଇଁ ସୁନାମି ସତର୍କତା ଜାରି କରିଛି ।

# ଏମପି ଶିକ୍ଷା ସୋସାଇଟି ପାଣ୍ଠି ହେରଫେର ମାମଲା: ପ୍ରାୟ ୪ କୋଟି ନଗଦ ଟଙ୍କା ଜବତ କଲା ଇଡି

ଭେନେଜୁଏଲା: ମଧ୍ୟପ୍ରଦେଶର ଏକ ପ୍ରତିଷ୍ଠିତ ଶିକ୍ଷା ସୋସାଇଟିର ପାଣ୍ଠି ବେଆଇନ ହେରଫେର ଓ ସେଗୁଡ଼ିକୁ ଅନ୍ୟ ଆଡ଼େ ବ୍ୟବହାର କରିବା ଅଭିଯୋଗରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମନି ଲଣ୍ଡରିଂ ମାମଲାର ଯାଞ୍ଚ କରୁଥିବା ଏହି କେନ୍ଦ୍ରୀୟ ସଂସ୍ଥା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩.୯୭ କୋଟି ଟଙ୍କାର ନଗଦ ରାଶି ଏବଂ ପ୍ରାୟ ୩.୪୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଜବତ କରିଛି । ଗତ ଜୁନ୍ ୨୩ ତାରିଖରେ ''ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି'' ବିରୋଧରେ ଆର୍ଥିକ ଅନିୟମିତତା ନିରୋଧୀ ଆଇନ ଅଧୀନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିବା




ନେଇ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ମଧ୍ୟପ୍ରଦେଶ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଜୟନାରାୟଣ ଚୌକସେ ଏବଂ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ଏଫଆଇଆର ଆଧାରରେ ଇଡି ଏହି ମାମଲାର ଯାଞ୍ଚ କରୁଛି ।

ଇଡିର ସୂଚନା ଅନୁଯାୟୀ, ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଗୋଷ୍ଠୀ ''ଏଲଏନସିଟି ଗ୍ରୁପ''ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଜୟନାରାୟଣ ଚୌକସେ ଏବଂ ଚୌକସେ ଗ୍ରୁପ୍ ସହିତ ଜଡ଼ିତ ବିଭିନ୍ନ ଆବାସିକ ପରିସର, କାର୍ଯ୍ୟାଳୟ, ଟ୍ରଷ୍ଟ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଏହି ଚଢ଼ାଉ କରାଯାଇଥିଲା। ''ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି'' ଅଧୀନରେ ଅନେକ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ପରିଚାଳିତ ହେଉଥିବା ବେଳେ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚୌକସେ ପରିବାର ଏବଂ ସେମାନଙ୍କ ସହଯୋଗୀଙ୍କ ହାତରେ ରହିଥିଲା। ତେବେ ଏହି ସମଗ୍ର ସଂସ୍ଥା ତରଫରୁ ବଡ଼ ଧରଣର ଆର୍ଥିକ ପ୍ରତାରଣା କରାଯାଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅଭିଯୋଗ ହୋଇଛି ଯେ, ଶ୍ରୀ ଆସ୍ଥା ଫାଉଣ୍ଡେସନ ଏବଂ ଏହାର ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କଠାରୁ ସଂଗୃହୀତ ଫିସ୍, ସରକାରଙ୍କଠାରୁ ମିଳୁଥିବା ସ୍କଲାରସିପ୍ ଅନୁଦାନ ଏବଂ ସୋସାଇଟି ନାମରେ ବ୍ୟାଙ୍କରୁ ନିଆଯାଇଥିବା କୋଟି କୋଟି ଟଙ୍କାର ଋଣକୁ ମୂଳ କାର୍ଯ୍ୟରେ ବ୍ୟବହାର କରାନଯାଇ ଅଭିଯୁକ୍ତମାନଙ୍କ ନିଜସ୍ୱ ଟ୍ରଷ୍ଟ, କମ୍ପାନୀ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥାକୁ ବେଆଇନ ଭାବେ ପଠାଯାଇଥିଲା। ଚଢ଼ାଉ ସମୟରେ ଇଡି ବିପୁଳ ପରିମାଣର ଆର୍ଥିକ କାରବାରର ଦଲିଲ୍ ଏବଂ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ କରିଛି। ଜବତ ହୋଇଥିବା ଏହି ସବୁ ନଗଦ ଟଙ୍କା ଓ ସୁନା ପ୍ରକୃତରେ କାହାର, ସେ ନେଇ ସଂସ୍ଥା ସ୍ପଷ୍ଟ କରିନଥିବା ବେଳେ ଏହି ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ଏଲଏନସିଟି ଗ୍ରୁପ୍ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

## ଗୋଦାମ ଛାତ ଭୁଶୁଡିବା ଘଟଣା, ୯ ମୃତ କ୍ଷତିପୂରଣ ଘୋଷଣା କଲେ ପ୍ରଧାନମନ୍ତ୍ରୀ

କୋଲକତା : ପଶ୍ଚିମବଙ୍ଗ କୋଲକତାର ତାରାତଲାରେ ନିର୍ମାଣାଧୀନ ଗୋଦାମର ଛାତ ଭୁଶୁଡିବା ଘଟଣାରେ ୯ ଜଣଙ୍କ ଜୀବନ ଚାଲିଯାଇଛି । ଏବେ ବି ଅନେକ ଫସିଥିବା ଆଶଙ୍କା କରାଯାଉଛି । ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକ ଏବଂ ଆହତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି । ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପ୍ରଥମ ମହଲା ଛାତ ନିର୍ମାଣ କାମ ଚାଲୁଥିବା ବେଳେ ହଠାତ୍ ଲୁହା ରେଲିଂ ଗଳିପଡିଥିଲା । ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପରିବାର ୫୦ ହଜାର ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ତାରାତଲାରେ ନିର୍ମାଣାଧୀନ ଗୋଦାମର ଛାତ ଭୁଶୁଡ଼ି ପଡିଥିଲା । ଭୁଶୁଡ଼ିବା ବେଳେ କାମ ଚାଲିଥିଲା, ତେଣୁ ଏତେମାତ୍ରାରେ ଶ୍ରମିକ ଚାପି ହୋଇଯାଇଥିଲେ । ୪୦ରୁ ଅଧିକ ଲୋକ ଚାପିହୋଇଥିବା ଖବର ମିଳିଥିଲା । ସେନା ଏବଂ ଦମକଳ ବାହିନୀ ଘଟଣା ସ୍ଥଳରେ ରେସକ୍ୟୁ ଅଭିଯାନ ଜାରି ରଖିଛି । ତେବେ ଏହାର ନିର୍ମାଣରେ ନିମ୍ନମାନର ଜିନିଷ ବ୍ୟବହାର ହେଉଥିଲା ବୋଲି ଅଭିଯୋଗ ହୋଇଛି ।

# ଟ୍ରେନରେ ଛୁରା ମାଡ଼ ଖାଇ ଛଟପଟ ହେଉଥିଲେ ମୟଙ୍କ ; ଯାତ୍ରୀ ବଲବଲ କରି ଦେଖୁଥିଲେ



ମୁମ୍ବାଇ : ଟ୍ରେନ୍ ଚାଲିଥିଲା । ବାହାରେ ପ୍ରବଳ ବର୍ଷା ହେଉଥିଲା । ଟ୍ରେନ୍ ଭିତରକୁ ପଡୁଥିଲା ବର୍ଷା ଛିଟା । ଏଥିପାଇଁ ଟ୍ରେନ୍ ଖୋଲା ରହିବ ନା ବନ୍ଦ ହେବ ଏଇ କଥାକୁ ନେଇ ଆରମ୍ଭ ହେଲା ଯୁକ୍ତି । ଆଉ ଏ ଯୁକ୍ତି ଏଭଳି ବଢ଼ିଗଲା ଯେ, ରକ୍ତପାତ ଯାଏଁ କଥା ଗଲା, ଆଉ ଜଣେ ଯୁବକର ଜୀବନ ବି ଚାଲିଗଲା । ଏ ଘଟଣା ଘଟିଛି ମୁମ୍ବାଇ ଲୋକାଲ ଟ୍ରେନରେ । ମଙ୍ଗଳବାର ସମୟ ସକାଳ ପାଖାପାଖି ୧୦ଟା ୫୦ । ମୁମ୍ବାଇ ଚର୍ଚ୍ଚଗେଟ୍ - ନାଲାସୋପାରା ଫାଷ୍ଟ ଲୋକାଲ ଟ୍ରେନରେ ଘଟିଲା ଅଘଟଣ । ଟ୍ରେନ୍ ଅନ୍ଧେରୀ – ବୋରିବଲି ମଝିଆମଝି ଚାଲୁଥିଲା । ଟ୍ରେନରେ ଅନ୍ୟ ଯାତ୍ରୀଙ୍କ ଭିତରେ ଯାଉଥିଲେ ୨୨ ବର୍ଷର ଯୁବକ ମୟଙ୍କ ଲୋହାର ନାମ ଯୁବକ । ବାହାରେ ପ୍ରବଳ ବର୍ଷା ହେଉଥିବାରୁ ବର୍ଷା ପାଣି ଟ୍ରେନ ଭିତରକୁ ଆସୁଥିଲା । ଏହାକୁ ନେଇ ଯାତ୍ରୀଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା । ଏ ଯୁକ୍ତି ଏତେ ବଢ଼ିଥିଲା ଯେ , ହାତାହାତି ଯାଏଁ କଥା ଯାଇଥିଲା । ଆଉ ଜଣେ ବ୍ୟକ୍ତି ପଟେକରୁ ଛୁରା କାଢ଼ି ମୟଙ୍କଙ୍କ ଛାତି ଓ ପେଟକୁ ବାରମ୍ବାର ଭୁଷିଥିଲେ । ଦୁଃଖର କଥା କେହି ପ୍ରତିବାଦ କରିନଥିଲେ । ଛଟପଟ ହୋଇ ମରୁଥିଲେ ମୟଙ୍କ ହେଲେ ବଲ ବଲ .ହୋଇ ଚାହିଁଥିଲେ ଯାତ୍ରୀ । ଟ୍ରେନ ବଗିସାରା ରକ୍ତ । ଆର ଷ୍ଟେସନରେ ଟ୍ରେନରେ ଓହ୍ଲାଇ ଚମ୍ପଟ ମାରିଥିଲା ଅଭିଯୁକ୍ତ ସଚିନ୍ ରମେଶ ସୁବର୍ଣ୍ଣା ।

ମୟଙ୍କଙ୍କୁ ରେଲୱେ ହସ୍ପିଟାଲ ନିଆଗଲା କିନ୍ତୁ ସେତେବେଳେକୁ ମୟଙ୍କଙ୍କ ଜୀବନ ଚାଲିଯାଇଥିଲା । ଘଟଣାର ଭିଡିଓ ଭାଇରାଲ ହୋଇଗଲା । ପୁଲିସ ୨୦୦ରୁ ଅଧିକ ସିସିଟିଭି ଯାଞ୍ଚ କଲା ପୁଲିସ । ଶେଷରେ ଧରାପଡ଼ିଗଲା ଅଭିଯୁକ୍ତ ସଚିନ୍ । ଜଣକୁ ଏତେ କଲବଲ କରିମାରିବା ପରେ ବି ସଚିନର ହାବଭାବ , ବ୍ୟବହାର ପୂରା ସ୍ୱାଭାବିକ ଥିଲା। ଟିକେ ବି ବିଚଳିତ ମନ ନଥିଲା । ଲୋକେ ସହଜେ ତାଙ୍କୁ ଠଉରେଇବା କଷ୍ଟକର ଥିଲା । ସବୁଠୁ ବଡ଼ କଥା ହେଉଛି , ଆଜିକା ଦିନରେ ଯେକୌଣସି କଥାରେ ଆଉ ଲୋକେ କଥା କହୁନାହାଁନ୍ତି କଥା କହୁଛି ସେମାନଙ୍କ ହାତ , ହତିଆର । କେହି କାହାରି କଥା ଶୁଣିବାକୁ ନାରାଜ । ଟିକେ ଟିକେ ଚାଲୁଛି ଛୁରା ଭୁଜାଲି । କାହାରି ପ୍ରତି କାହାରି ଦୟାମାୟା ନାହିଁ । ମୟାଙ୍କ ଭୟଙ୍କର ମୃତ୍ୟୁରେ ତାଙ୍କ ପରିବାର ଲୋକଙ୍କ ଅବସ୍ଥା ଦେଖିବା କଷ୍ଟକର । ପୁଅ ପାଇଁ ନ୍ୟାୟ ମାଗିବା ସହ ଅଭିଯୁକ୍ତକୁ ଫାଶିରେ ଝୁଲାଇବାକୁ ଦାବି କରିଛନ୍ତି ପରିବାର ଲୋକେ ।

# ପାସପୋର୍ଟ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ, ବିଦେଶ ଯାତ୍ରା ପାଇଁ ଏକ ଦସ୍ତାବିଜ୍

ନୂଆଦିଲ୍ଲୀ : ପାସପୋର୍ଟ ଯାତ୍ରା ପାଇଁ ଏକ ଦସ୍ତାବିଜ୍, ନାଗରିକତ୍ୱର ପ୍ରମାଣ ନୁହେଁ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପାସପୋର୍ଟ ହେଉଛି ମୁଖ୍ୟତଃ ବିଦେଶ ଯାତ୍ରା ପାଇଁ ଏକ ଦସ୍ତାବିଜ୍ । ଏହା ନାଗରିକତ୍ୱର ପ୍ରମାଣ ପତ୍ର ନୁହେଁ । ୧୪ତମ ପାସପୋର୍ଟ ସେବା ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମରେ କୁହାଯାଇଛି । ପାସପୋର୍ଟ କେବଳ ଭାରତୀୟ ନାଗରିକଙ୍କୁ ଦିଆଯାଏ । ଜନ୍ମ ପ୍ରମାଣପତ୍ର ଆଦି ଦସ୍ତାବିଜ୍ ଯାଞ୍ଚ କରି ସରକାର ଏହା ଜାରି କରନ୍ତି । କିନ୍ତୁ ପାସପୋର୍ଟ ଧରିଥିଲେ ହିଁ ଆପଣ ଭାରତୀୟ ନାଗରିକ ବୋଲି ଆଇନ୍ ଅନୁଯାୟୀ ପୂର୍ଣ୍ଣ ପ୍ରମାଣ ହୋଇନଥାଏ । ନାଗରିକତ୍ୱ ଜନ୍ମ, ବଂଶଗତ, ନିବନ୍ଧନ କିମ୍ବା ଅନ୍ୟ ଆଇନ୍ ପ୍ରକ୍ରିୟା ଦ୍ୱାରା ହୁଏ । ପାସପୋର୍ଟର ମୂଳ




କାମ ହେଉଛି ବିଦେଶରେ ଯାତ୍ରା କରିବା ସହଜ କରିବା ଓ ସେଠାରେ ଭାରତୀୟ ଜାତୀୟତା ଦେଖାଇବା । ଭାରତରେ ଆଧାର, ଭୋଟର ଆଇଡି କିମ୍ବା ପାସପୋର୍ଟ ଭଳି ଏକାକୀ ଦସ୍ତାବିଜ୍ ନାଗରିକତ୍ୱର ପୂର୍ଣ୍ଣ ପ୍ରମାଣ ନୁହେଁ । କୌଣସି ବିବାଦ ହେଲେ ସରକାର ଗଭୀର ଯାଞ୍ଚ କରନ୍ତି । ଏହି କଥା ସୋସିଆଲ୍ ମିଡିଆରେ ବହୁତ ଆଲୋଚନା ହେଉଛି । ଦେଶରେ ଏବେ ୫୪୫ଟି ପାସପୋର୍ଟ କେନ୍ଦ୍ର ରହିଛି । ଗତ ବର୍ଷ ୧ କୋଟି ୩୯ ଲକ୍ଷ ପାସପୋର୍ଟ ଜାରି ହୋଇଛି । ଲୋକଙ୍କୁ ଶୀଘ୍ର ପାସପୋର୍ଟ ମିଳୁଛି । ଏହା ଆଇନ୍ ଅନୁଯାୟୀ ସଠିକ୍ ତଥ୍ୟ। ନାଗରିକତ୍ୱ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ଗୃହ ମନ୍ତ୍ରଣାଳୟ ସହ ଯୋଗାଯୋଗ କରନ୍ତୁ ।

# ଟ୍ରକକୁ ପଛରୁ ପିଟିଲା କାର୍, ନିଜ ଭୁଲ୍ ପାଇଁ ଚାଲିଗଲା ୪ ଜୀବନ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ମନ୍ଦସୌର ଜିଲ୍ଲା ସୀତାମଉ ଥାନା ଅର୍ନ୍ତଗତ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ଏକ ଦ୍ରୁତଗାମ କାର୍ ଟ୍ରକରେ ପିଟିହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍ ଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଘଟଣା ସ୍ଥଳରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଖବର ମୁତାବକ, କାର୍ ମହାରାଷ୍ଟ୍ରର ଔରାଙ୍ଗବାଦରୁ ଦିଲ୍ଲୀ ଯାଉଥିଲା । କାରରେ ୬ ଜଣ ଲୋକ ରହିଥିଲେ । କାରଟି ଦ୍ରୁତ ଗତିରେ ଯାଇ ଆଗରେ ଯାଉଥିବା ଟ୍ରକର ପଛକୁ ଧକ୍କା ଦେଇଥିଲା। କାର୍ ସ୍ପିଡ ଏତେ ଥିଲା ଯେ, ଗାଡିଟି ଟ୍ରକ ପଛରେ ଭୟଙ୍କର ଭାବେ ମାଡ଼ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ୪ ଜଣଙ୍କ ଜୀବନ ଚାଲିଯାଇଥିଲା । କାର୍ ଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ବିଷୟରେ ଖବର ପାଇଁ ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ହସପିଟାଲରେ ଭର୍ତ୍ତି କରିଛି । ପୋଲି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ମାମଲାର ଯାଞ୍ଚ କରୁଛି । ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି । ପୋଲିସ ଅଧିକାରୀ ଆଖପାଖର ସିସିଟିଭି ଯାଞ୍ଚ କରୁଛି । ପୋଲିସ ଦୁର୍ଘଟଣାର କାରଣ ଯାଞ୍ଚ କରୁଛି । ମୃତକଙ୍କ ପରିଚୟ ମିଳିଛି । ତେବେ ପ୍ରାରମ୍ଭିକ ଭାବେ ଦ୍ରୁତ ଗାଡ଼ି ଚାଳନା ଏବଂ ଅନିୟନ୍ତ୍ରିତ ହୋଇ ଗାଡ଼ି ଧକ୍କା ହୋଇଥିବା ଅନୁମାନ କରାଯାଉଛି ।

## ହର୍ମୁଜ୍ ପାର୍ କରି ଭାରତ ଅଭିମୁଖେ ବାହାରିଲା ୩୦ ଜାହାଜ

ନୂଆଦିଲ୍ଲୀ : ଆମେରିକା-ଇରାନ ଚୁକ୍ତି ପରେ ବଡ଼ ଆଶ୍ୱସ୍ତି, ହୋର୍ମୁଜ୍ ପାର୍ କରି ଭାରତ ଅଭିମୁଖେ ବାହାରିଲେ ୩୦ ଜାହାଜ । ପଶ୍ଚିମ ଏସିଆରେ ଦୀର୍ଘ ସପ୍ତାହ ଧରି ଲାଗି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଭାରତ ସମେତ ସମଗ୍ର ବିଶ୍ୱର ଶକ୍ତି ବଜାର ପାଇଁ ବଡ଼ ଆଶ୍ୱସ୍ତିକର ଖବର ଆସିଛି । ଇରାନ ଏବଂ ଆମେରିକା ମଧ୍ୟରେ ଅନ୍ତରୀଣ ଚୁକ୍ତି ପରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତେଲ ପରିବହନ ମାର୍ଗ ହର୍ମୁଜ୍ ପ୍ରଣାଳୀ ଦେଇ ୩୦ଟି ବାଣିଜ୍ୟିକ ଜାହାଜ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି । ଏହାସହ ଅନ୍ୟ ୨୬ଟି ଜାହାଜ ଏବେ ବାହାରିବା ପାଇଁ ପ୍ରସ୍ତୁତ ଅଛନ୍ତି । ସାମୁଦ୍ରିକ ଯାତାୟାତ ସ୍ୱାଭାବିକ ହେବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରରେ ବଡ଼ ହ୍ରାସ ଘଟିଛି । ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏବଂ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତ ଅଭିମୁଖେ ଆସୁଥିବା ୩୦ଟି ଜାହାଜ ଏ ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀ ସଫଳତାର ସହ ପାର୍ କରିସାରିଛନ୍ତି । ପାର୍ ହୋଇଥିବା ୩୦ଟି ଜାହାଜ ମଧ୍ୟରୁ ୧୫ଟି ଏଲଏନଜି, ଏଲପିଜି ଗ୍ୟାସ୍ ଜାହାଜ, ୮ଟି ବଲ୍କ କାର୍ଗୋ ଜାହାଜ ଏବଂ ୭ଟି ଅଶୋଧିତ ତେଲ ବୋଝେଇ ଜାହାଜ ରହିଛି । ବାକି ୨୬ଟି ଜାହାଜ ମଧ୍ୟରୁ ୩ଟି ଏନର୍ଜି କାର୍ଗୋ, ୧୦ଟି ସାର ଏବଂ ୧୩ଟି ଅନ୍ୟାନ୍ୟ ଜରୁରୀ ସାମଗ୍ରୀରେ ଭର୍ତ୍ତି ଅଛି । ଭାରତ ଆସୁଥିବା ୩୦ଟି ଜାହାଜ ମଧ୍ୟରୁ ୧୭ଟିରେ ବିଦେଶୀ ପତାକା ଲାଗିଥିବା ବେଳେ ସେଗୁଡ଼ିକର ଗନ୍ତବ୍ୟ ସ୍ଥଳ ଭାରତ । ଏଥିମଧ୍ୟରୁ ସବୁଠାରୁ ଅଧିକ ୫ଟି ଜାହାଜ ମାର୍ଶଲ ଆଇଲ୍ୟାଣ୍ଡରେ ପଞ୍ଜୀକୃତ ହୋଇଛି ।

## କାବେରୀ ନଦୀରେ ବୁଡ଼ି ୫ ମୃତ

କର୍ଣ୍ଣାଟକ : କର୍ଣ୍ଣାଟକର ମାଣ୍ଡ୍ୟା ଜିଲ୍ଲାରେ ଫଟୋ ଉଠାଉଥିବା ବେଳେ ଚାଲିଗଲା ୫ ଜୀବନ । ଏଠାରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମୁଥାଠୀରେ କାବେରୀ ନଦୀ କୂଳରେ ଛିଡ଼ା ହୋଇ ଫଟୋ ଓ ସେଲଫି ଉଠାଇବା ନଦୀ ସ୍ରୋତରେ ଭାସି ଚାଲିଗଲା ୫ ଜୀବନ । ନଦୀର ପ୍ରଖର ସ୍ରୋତରେ ଭାସିଯାଇ ୪ ଜଣ ମହିଳାଙ୍କ ସମେତ ଗୋଟିଏ ପରିବାରର ୫ ଜଣଙ୍କର ମୃତ୍ୟୁ ଘଟିଛି । ମୃତକମାନେ ବେଙ୍ଗାଲୁରୁ ନିକଟସ୍ଥ ଚନ୍ନପଟଣ ଅଞ୍ଚଳର ବୋଲି ଜଣାପଡ଼ିଛି । ପୋଲିସ ସୂଚନା ଅନୁଯାୟୀ, ଏହି ପରିବାର ବେଙ୍ଗାଲୁରୁରୁ ଏକ କାର୍ ଭଡ଼ାରେ ନେଇ ମାଣ୍ଡ୍ୟା ଜିଲ୍ଲାର ପ୍ରସିଦ୍ଧ ଅଞ୍ଜାନେୟସ୍ୱାମୀ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ । ମନ୍ଦିର ଦର୍ଶନ ସାରି ସମସ୍ତେ କାବେରୀ ନଦୀ କୂଳକୁ ବୁଲିବାକୁ ଯାଇଥିଲେ । ସେଲଫି ନେବା ସମୟରେ ନଦୀ ସ୍ରୋତରେ ସମସ୍ତେ ଭାସିଯାଇଥିଲେ । ଫଳରେ ୫ ଜଣଙ୍କ ଜୀବନ ଚାଲିଯାଇଥିଲା । ସୂଚନା ପାଇଁ ତୁରନ୍ତ ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲା ।

# ଅଶୋଧିତ ତେଲ ୭୦ ଡଲାରକୁ ଖସିଲା

ନୂଆଦିଲ୍ଲୀ : ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ହେବାସହ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇଥିବାରୁ ଅଶୋଧିତ ତୈଳ ଦର ହ୍ରାସ ପାଉଛି । ଗୁରୁବାର ଏହାର ଦାମ ବ୍ୟାରେଲ ପିଛା ୭୦ ଡଲାର ଭଳି ନିମ୍ନସ୍ତରକୁ ଖସିଆସିଛି । ଗତ ଫେବ୍ରୁଆରିରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ତେଲ ଦର ୧୨୬ ଡଲାର ଭଳି ଉଚ୍ଚ ସ୍ତରରେ ପହଞ୍ଚିଥିଲା । ଏବେ ସେଥିରେ ୪୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଛି । ବ୍ରେଣ୍ଟ କ୍ରୁଡ୍ ଦାମ୍ ବ୍ୟାରେଲ ପ୍ରତି ୭୨.୯୦ ଡଲାର ଓ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଏଟ୍ର ଦାମ୍ ୬୯.୬୧ ଡଲାରକୁ ହ୍ରାସ ପାଇଛି । ଏହି ହ୍ରାସ ସହ ଅଶୋଧିତ ତେଲ ଦର ଗତ ଚାରି ମାସ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସିଆସିଛି । ଇରାନ ତେଲ ଉପରେ ଲାଗିଥିବା କଟକଣାକୁ ଆମେରିକା ୬୦ ଦିନ



ପାଇଁ କୋହଳ କରିଥିବାରୁ ଆଗାମୀ ଦିନରେ ତେଲ ଆହୁରି ଶସ୍ତା ହେବାର ସମ୍ଭାବନା ରହିଛି । ଅନ୍ତର୍ଜାତୀୟ ବଜାରରେ ତେଲ ଯେତେ ଶସ୍ତା ହେବ, ଭାରତ ପାଇଁ ତାହା ସେତିକି ଲାଭଦାୟକ ହେବ । କାରଣ ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ କିଣିବାରେ ବିପୁଳ ଡଲାର ଖର୍ଚ୍ଚ କରୁଛି । ଶସ୍ତାରେ ତେଲ ମିଳିଲେ ସେହି ଖର୍ଚ୍ଚ ହ୍ରାସ ପାଇବ । ଏଥି ସହିତ ଦେଶର ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଓ ଏଲ୍‌ପିଜି ମଧ୍ୟ ଶସ୍ତା ହେବ। ଆମେରିକା ଶକ୍ତି ସଚିବ କ୍ରିସ୍ ରାଇଟ୍‌ଙ୍କ କହିବାନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ୨୦ ନିୟୁତ ଡଲାର ତେଲ ପରିବହନ ହୋଇଛି । ତେଣୁ ତେଲ ପରିବହନ ସ୍ୱାଭାବିକ ସ୍ତରକୁ ଫେରିଥିବା ଆଶା କରାଯାଉଛି । ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଶାନ୍ତି ଚୁକ୍ତି ହେବା ପରଠାରୁ ହର୍ମୁଜ ପ୍ରଣାଳୀରେ ଅଟକି ରହିଥିବା ଜାହାଜଗୁଡ଼ିକ ଗୋଟିଏ ପରେ ଗୋଟିଏ ଆଗକୁ ବଢ଼ିଛନ୍ତି । ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ତେଲ ବଜାରରେ ନିଜ ଅଂଶ ବଜାୟ ରଖିବାକୁ ବିପୁଳ ପରିମାଣ ତେଲ ବଜାରକୁ ଛାଡ଼ିବେ । ତେଣୁ ଆସନ୍ତା ଅଗଷ୍ଟ ସୁଦ୍ଧା ସେହି ତେଲ ସୁଲଭ ଦରରେ ମିଳିବା ସମ୍ଭାବନା ରହିଛି । କିଛି ଦେଶ ତେଲ ଉପରେ ରିହାତି ଦେଉଛନ୍ତି । ବର୍ତ୍ତମାନ କଟକଣାରୁ ଆଶ୍ୱସ୍ତି ମିଳିଥିବାରୁ ଇରାନ ମଧ୍ୟ ଯଥା ସମ୍ଭବ ଅଧିକ ତେଲ ବିକ୍ରି କରିବାକୁ ଚାହିବ ।

# ପେଟ୍ରୋଲ ଦାମ୍‌କୁ ନେଇ ବଚସା ପରେ ପମ୍ପ କର୍ମଚାରୀଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ଭୋପାଳ: ମଧ୍ୟପ୍ରଦେଶର ଗ୍ୱାଲିୟରରେ ପେଟ୍ରୋଲ ଦାମକୁ ନେଇ ବଚସା ପରେ ଜଣେ ୨୬ ବର୍ଷୀୟ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ତିନି ଜଣ ଯୁବକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଘଟଣାଟି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଘଟିଥିଲା । ଆକାଶ ସେଙ୍ଗାର ନାମକ ପୀଡିତଙ୍କ ଅବସ୍ଥା ଗୁରୁତର ଥିବାବେଳେ ସେ ଜୟାରୋଗ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କୁ ବଞ୍ଚାଇବାକୁ ଆସିଥିବା ତାଙ୍କ ବାପା ମଧ୍ୟ ପୋଡ଼ି ହୋଇ ଆହତ ହୋଇଛନ୍ତି । ପୁଲିସର ସୂଚନା ଅନୁଯାୟୀ, ତିନି ଜଣ ବ୍ୟକ୍ତି ଏକ ବୁଲେଟ୍‌ରେ ପେଟ୍ରୋଲ ପମ୍ପରେ ପହଞ୍ଚି ତେଲ ଦର ନେଇ ଆକାଶଙ୍କ ସହ ଯୁକ୍ତିତର୍କ କରିଥିଲେ । ଧୀରେ ଧୀରେ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ପୁଲିସ କହିଛି ଯେ, ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଆକାଶଙ୍କ ଉପରେ ପେଟ୍ରୋଲ ଢାଳି ଲାଇଟର ବ୍ୟବହାର କରି ନିଆଁ ଲଗାଇ ଦେଇଥିଲା । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ହୁତୁହୁତୁ ନିଆଁରେ ଜଳୁଥିବାବେଳେ ଆକାଶ ସାହାଯ୍ୟ ପାଇଁ ଆକୁଳ ଚିତ୍କାର କରୁଥିବାବେଳେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ନିକଟସ୍ଥ ଏକ ଟୁର୍ ଓ ଟ୍ରାଭେଲ୍ ଅଫିସରେ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟ କରୁଥିବା ତାଙ୍କ ବାପା ରାମଚନ୍ଦ୍ର ସେଙ୍ଗାର ସେଠାରେ ପହଞ୍ଚି ପୁଅକୁ ବଞ୍ଚାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ରାମଚନ୍ଦ୍ରଙ୍କ ଗୋଡ ପୋଡ଼ି ଯାଇଥିଲା । ସ୍ଥାନୀୟ ଲୋକମାନେ ନିଆଁ ଲିଭାଇ ଉଭୟ ବାପପୁଅଙ୍କୁ ଜୟାରୋଗ୍ୟ ହସ୍ପିଟାଲର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରିଥିଲେ । ଏହି ଘଟଣାକୁ ନେଇ ଏକ ଏତଲା ରୁଜୁ ହୋଇଛି । ପୁଲିସ ଦୁଇଜଣ ଅଭିଯୁକ୍ତ ଡୋଲି ଓରଫ ଅନୁଜ ଗୁର୍ଜର ଓ ସଚିନ ଗୁର୍ଜରଙ୍କୁ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ଅରବିନ୍ଦ ଛାଡାଇ ଫେରାର୍ ଅଛି ।

## ନୂଆ ପାଳି ଆରମ୍ଭ କଲେ ଦ୍ରୁତ ବୋଲର ଆକାଶଦୀପ



ବାରାଣାସୀ, ୨୫।୬: ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ ଜୀବନର ନୂଆ ପାଳି ଆରମ୍ଭ କରିଛନ୍ତି। ବୁଧବାର ବାରାଣାସୀଠାରେ ସେ ଅକ୍ଷିତା ରାଜଙ୍କ ସହ ବିବାହବନ୍ଧନରେ ବାନ୍ଧି ହୋଇଛନ୍ତି। ୨୦୨୪ରେ ଫେବ୍ରୁଆରିରେ ପଦାର୍ପଣ କରିଥିବା ଆକାଶ, ଭାରତ ପକ୍ଷରୁ ୧୦ ଟେଷ୍ଟ୍ ଖେଳିଛନ୍ତି। ବିହାରର ରୋହତକ ଜିଲ୍ଲାର ମାଣିକପୁର ଗାଁର ଝିଅ ଅକ୍ଷିତାଙ୍କ ହାତ ଧରିବା ପରେ ଏହି ବେଙ୍ଗଲ ଦ୍ରୁତ ବୋଲର ଇନ୍‌ଷ୍ଟାଗ୍ରାମ୍‌ରେ ଫଟୋ ପୋଷ୍ଟ କରି ପ୍ରଶଂସକମାନଙ୍କୁ ନିଜ ବିବାହ ବିଷୟରେ ଅବଗତ କରିଛନ୍ତି। ପୋଷ୍ଟ କରିଥିବା ଫଟୋର ଶିରୋନାମରେ ସେ ଲେଖିଛନ୍ତି ଯେ, ''ଆମେ ଏକାଠି ସବୁଠାରୁ ଲମ୍ବା ଓ ସୁନ୍ଦର ପାଳି ଖେଳିବାକୁ ପ୍ରସ୍ତୁତ। ଏବେ ଆମେ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛେ। ମୁଁ ଜାଣେ ସାଥୀ ଭାବେ ତୁମ ସହିତ ରହିଲେ, ପ୍ରତ୍ୟେକ ଦିନ ବିଜୟ ପରି ଅନୁଭବ ହେବ''। ପିଠି ଯନ୍ତ୍ରଣା ଯୋଗୁଁ ୨୦୨୬ ଆଇପିଏଲ୍ ଖେଳି ନଥିବା ଆକାଶ ଦୀପ ସୁସ୍ଥ ହୋଇ ଚଳିତ ବର୍ଷ ଭାରତୀୟ ଦଳକୁ ଫେରିବାର ଲକ୍ଷ୍ୟ ରଖିଛନ୍ତି।

# ଫିଫା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ଐତିହାସିକ ସଫଳତା

ୱାଂଶିଟନ, ୨୫।୬: ଫିଫା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ନୂଆ କୀର୍ତ୍ତିମାନ। ଦଳକୁ ମିଳିଛି ଐତିହାସିକ ସଫଳତା। ଦଳ ଫିଫା ବିଶ୍ୱକପରେ କେବେ ହେଲେ ଯେଉଁ ସଫଳତା ପାଇ ନଥିଲା, ଏବେ ତା'କୁ ସାକାର କରିଛି। ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇଛି ଦକ୍ଷିଣ ଆଫ୍ରିକା। ନିଜ ଫୁଟବଲ ଇତିହାସରେ ନୂଆ

### ପ୍ରଥମ ଥର ନକଆଉଟ୍‌ରେ ପ୍ରବେଶ

ଅଧ୍ୟାୟ ସୃଷ୍ଟି କରିଛି ଏହି ଆଫ୍ରିକୀୟ ଦଳ। ପ୍ରଥମଥର ଫିଫା ବିଶ୍ୱକପର ନକଆଉଟ ବା ରାଉଣ୍ଡ ୩୨ରେ ଦକ୍ଷିଣ ଆଫ୍ରିକା ପ୍ରବେଶ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଆଜି ଦଳ ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୧-୦ରେ ହରାଇ ଦେଇଛି। ଏହି ଅପ୍ରତ୍ୟାଶିତ ବିଜୟ ପରେ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ରାଉଣ୍ଡ ୩୨କୁ ଯୋଗ୍ୟତା ଅର୍ଜନ କରିଛି।

ମେକ୍ସିକୋ ବିପକ୍ଷ ଫିଫା ବିଶ୍ୱକପରେ



ନିଜର ପ୍ରଥମ ମ୍ୟାଚ୍‌ର ୧୦ ଦିନ ପୂର୍ବରୁ ଦକ୍ଷିଣ ଆଫ୍ରିକା ଟୁର୍ଣ୍ଣାମେଣ୍ଟକୁ ଆସିବ କି ନାହିଁ ଜାଣି ନଥିଲା। ପ୍ରଶାସନିକ ବିଫଳତା ଓ ଭିସାରେ ବିଳମ୍ବ ଦଳରେ ଅନିଶ୍ଚିତତା ସୃଷ୍ଟି କରିଥିଲା। ଉତ୍ତର ଆମେରିକାରେ ପହଞ୍ଚି ପୂର୍ବରୁ ଖେଳାଳିମାନେ ଠିକ ଭାବେ ଅଭ୍ୟାସ ମଧ୍ୟ କରିପାରି ନଥିଲେ।

ସବୁ ଘାତ ପ୍ରତିଘାତ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ବିଶ୍ୱକପକୁ ଆସିଥିଲା। ହେଲେ ଦଳ ଠିକ ଭାବେ ପ୍ରସ୍ତୁତ କରି ନଥିବା ମେକ୍ସିକୋ ବିପକ୍ଷ ମ୍ୟାଚ୍‌ରୁ ସ୍ପଷ୍ଟ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଦଳର ଦୁଇ ଜଣ ଖେଳାଳିଙ୍କୁ ମିଳିଥିଲା ରେଡ କାର୍ଡ। ପ୍ରଥମେ ସ୍କଫେଲୋ ସିଥୋଲେଙ୍କୁ ଫାଉଲ ପାଇଁ ରେଡ କାର୍ଡ ମିଳିଥିଲା। ପରେ ଥେମ୍ବା ଜ୍ୱାନେ ଜଣେ ମେକ୍ସିକୋ ଖେଳାଳିଙ୍କ ମୁହଁକୁ ଆଘାତ ଦେଇଥିବାରୁ ତାଙ୍କୁ ମଧ୍ୟ ରେଡ କାର୍ଡ ଦିଆଯାଇଥିଲା। ଏହି ଘଟଣାକୁ ଫିଫା ଗୁରୁତର ଅପରାଧ ବୋଲି ବିବେଚନା କରି ଜ୍ୱାନେଙ୍କୁ ତିନିଟି ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି।

ଏହି ଘଟଣା ପ୍ରଥମ ମ୍ୟାଚ୍‌ରୁ ହିଁ ଦକ୍ଷିଣ ଆଫ୍ରିକାର ବିଶ୍ୱକପ ଅଭିଯାନରେ ବାଧା ସୃଷ୍ଟି କରିଥିଲା। କିନ୍ତୁ ସେହି ପରାଜୟକୁ ଭୁଲି ଦଳ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ଚେକ ଗଣରାଜ୍ୟ ବିପକ୍ଷ ମ୍ୟାଚ୍‌କୁ ଦଳ ୧-୧ରେ ଡ୍ର ରଖିଥିଲା। ଆଜି ଦଳ ଦକ୍ଷିଣ କୋରିଆକୁ ୧-୦ରେ ପରାସ୍ତ କରି ପ୍ରଥମଥର ପାଇଁ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି।

ଦକ୍ଷିଣ ଆଫ୍ରିକା ଗତ ତିନୋଟି ଯାକ ବିଶ୍ୱକପ୍‌ରେ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ପାଇ ନଥିଲା। ୧୨ ବର୍ଷ ପରେ ଦଳ ବିଶ୍ୱକପ ଖେଳୁଥିବା ବେଳେ ପ୍ରଶିକ୍ଷକ ହୁଗୋ ବ୍ରୁସ ନିଜ ଦଳକୁ ଐତିହାସିକ ସଫଳତା ଆଣିଦେଇଛନ୍ତି।

ଜୁନ୍ ୨୫ ଅର୍ଥାତ ଆଜି ଦକ୍ଷିଣ କୋରିଆ ବିପକ୍ଷ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନିଜର ଆକ୍ରମଣାତ୍ମକ ଫୁଟବଲ୍‌ର ଝଲକ ଦେଖାଇଥିଲା। ଇତିହାସ ସୃଷ୍ଟି ପାଇଁ ବିଜୟ ଆବଶ୍ୟକ ଥିବାରୁ ସେମାନେ ବାରମ୍ବାର ଆକ୍ରମଣ କରି ପ୍ରତିପକ୍ଷକୁ ଚାପରେ ରଖିଥିଲେ। ଅନେକ ସୁଯୋଗ ହାତଛଡ଼ା କରିବା ପରେ ଶେଷରେ ୬୩ତମ ମିନିଟ୍‌ରେ ଥାପେଲୋ ମାସେକୋ ଦଳ ପାଇଁ ଐତିହାସିକ ଗୋଲ କରିଥିଲେ।

ଏହାକୁ ପରିଶୋଧ କରି ସ୍ଥିତି ବରାବର କରିବାକୁ ଦକ୍ଷିଣ କୋରିଆ ଚେଷ୍ଟା କରିଥିଲେ ହେଁ ଏହାକୁ ଦକ୍ଷିଣ ଆଫ୍ରିକା ଭଣ୍ଡୁର କରି ଦେଇଥିଲା। ଶେଷରେ ଦଳ ୧-୦ରେ ଐତିହାସିକ ବିଜୟ ପାଇଛି।

## ଆଜି ଭାରତ-ଆୟର୍ଲାଣ୍ଡ ପ୍ରଥମ ଟି୨୦

ନୂଆଦିଲ୍ଲୀ, ୨୫।୬: ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ଭାରତ-ଆୟାର୍ଲାଣ୍ଡ ଟି-୨୦ ସିରିଜ୍ । ୨ ମ୍ୟାଚ ବିଶିଷ୍ଟ ଏହି ସିରିଜ ପାଇଁ ଭାରତୀୟ ଟିମ୍ ଏବେ ଆୟାର୍ଲାଣ୍ଡ ଗସ୍ତରେ ଅଛି । ପୂର୍ବରୁ ମ୍ୟାଚ ପାଇଁ ସମୟ ଘୋଷଣା ହୋଇଥିବାବେଳେ ଏବେ ସମୟ ପରିବର୍ତ୍ତନ ହୋଇଛି । ପୂର୍ବରୁ ଘୋଷଣା ହୋଇଥିବା ସମୟ ବଦଳିବା ପଛର ଏକ ବଡ଼ କାରଣ ରହିଛି ।

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମୁକାବିଲା ପାଇଁ ସମୟେର ପରିବର୍ତ୍ତନ ହୋଇଛି । ମହିଳା ଟି-୨୦ ବିଶ୍ୱକପରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟେର ହେବାକୁ ଯାଉଛି ମ୍ୟାଚ୍ । ଆସନ୍ତା ୨୮ ତାରିଖରେ ଏହି ମ୍ୟାଚ ଖେଳାଯିବାକୁ ରହିଛି। ସେହିଦିନ ଭାରତ-ଆୟାର୍ଲାଣ୍ଡ ଦିତୀୟ ଟି-୨୦ ମୁକାବିଲା ଅନୁଷ୍ଠିତ ହେବ । ସମୟ ସମାନ ହୋଇଥିବାବେଳେ ଗୋଟିଏ ଘଣ୍ଟା ପୂର୍ବରୁ ଖେଳାଯିବ ମ୍ୟାଚ୍ । ଭାରତୀୟ ସମୟ ଅନୁସାରେ ଉଭୟ ମ୍ୟାଚ ସନ୍ଧ୍ୟା ୭ଟାରେ ଖେଳାଯିବାକୁ ରହିଥିଲା । ମାତ୍ର ଏହା ଗୋଟିଏ ଘଣ୍ଟା ପୂର୍ବରୁ ଅଥବା ୬ଟାରେ ଖେଳାଯିବାକୁ ସମୟ ସ୍ଥିର ହୋଇଛି । ଏନେଇ କ୍ରିକବଜରେ ରିପୋର୍ଟ ପ୍ରକାଶ ପାଇଛି । ତେବେ ମହିଳା ଦଳର ମ୍ୟାଚ ୭ଟାରେ ଖେଳାଯିବ । ମାତ୍ର ଭାରତ-ଆୟାର୍ଲାଣ୍ଡ ମ୍ୟାଚ ୬ଟାରେ ଖେଳାଯିବ । ଆୟାର୍ଲାଣ୍ଡ ବିପକ୍ଷ ସିରିଜ ପାଇଁ ଦଳରେ ସ୍ଥାନ ପାଇଛନ୍ତି ବୈଭବ ସୂର୍ଯ୍ୟବଂଶୀ । ଏହି ୧୫ ବର୍ଷୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଲଗାତାର ଦୁଇଟି ଆଇପିଏଲ ସିଜିନରେ କମାଲ ବ୍ୟାଟିଂ କରିଥିଲେ । ୨୦୨୬ ସିଜିନରେ ସର୍ବାଧିକ ସ୍କ ?ାର କରିଥିବାବେଳେ ଅରେଞ୍ଜ କ୍ୟାପର ଅଧିକାରୀ ହୋଇଥିଲେ । ଏବେ ସେ ଇଂଲଣ୍ଡ ଏବଂ ଆୟାର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ସେ ଟିମ୍ ଇଣ୍ଡିଆରେ ଡେବ୍ୟୁ କରିବା ପାଇଁ ଯାଉଛନ୍ତି । ତାଙ୍କ ବ୍ୟାଟିଂ ଦେଖିବାକୁ ବିଶ୍ୱର ଅଭିଜ୍ଞ ଖେଳାଳି ମଧ୍ୟ ଚାହିଁ ରହିଛନ୍ତି ।

## ଶ୍ରୀଲଙ୍କା ଏ ବିପକ୍ଷ ପ୍ରଥମ ଟେଷ୍ଟ : ଭାରତ ଏ' ୩୩୪/୪

ମୁମ୍ବାଇ, ୨୫/୬ : ସାଇ ସୁଦର୍ଶନ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଶତକ କରିଛନ୍ତି । ସେ ଇଣ୍ଡିଆ ଏ ଲାଗି ଖେଳୁଥିବାବେଳେ ଏହି ଶତକ ହାସଲ କରିଛନ୍ତି । ଇଣ୍ଡିଆ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ପ୍ରଥମ ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଗାଲେରେ ଖେଳାଯାଉଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଟିମ୍ ଇଣ୍ଡିଆ ଲାଗି ସାଇ ସୁଦର୍ଶନ ଶତକ (୧୩୨ ରନ୍) ଲଗାଇଛନ୍ତି । କିନ୍ତୁ ଦେବଦତ୍ତ ପଡ଼ିକ୍କଲ (୧୨) ଏବଂ ଋତୁରାଜ ଗାୟକୱାଡ (୨୨) ଭଳି ନାମୀ ବ୍ୟାଟର ଫ୍ଲପ୍ ହୋଇଛନ୍ତି। ଓପନର ଆୟୁଷ ୨୫ରନ୍ କରିଥିଲେ ଏବଂ ସେ ସାଇ ସୁଦର୍ଶନଙ୍କ ସହ ମିଶି ପ୍ରଥମ ୱିକେଟ ଲାଗି ୮୨ରନ୍ ଯୋଡ଼ିଥିଲେ । ସୁଦର୍ଶନ ଆୟୁଷ ପାଣ୍ଡେ ଏବଂ ଋତୁରାଜ ଗାୟକୱାଡ଼ଙ୍କ ସହ ମିଶି ଅର୍ଦ୍ଧଶତକୀୟ ଭାଗିଦାରୀ କରିଥିଲେ ଏବଂ ୧୩୨ ରନ୍ କରି ଆଉଟ ହୋଇଥିଲେ ।ସୁଦର୍ଶନ ଟିମ୍ ଇଣ୍ଡିଆ ଲାଗି ଶେଷ ଟେଷ୍ଟ ମ୍ୟାଚ୍ ଆଫଗାନିସ୍ତାନ ବିପକ୍ଷ ଖେଳିଥିଲେ । ଯାହାକୁ ଭାରତ ପାଳି ଏବଂ ୩୦୦ରନ୍ ଭିତରେ ଜିତିଥିଲା । ସୁଦର୍ଶନ ସେହି ମ୍ୟାଚରେ ୮୧ରନର ପାଳି ଖେଳିଥିଲେ । ସେ ଶ୍ରୀଲଙ୍କା ଏ ବିପକ୍ଷରେ ବି ନିଜର ଭଲ ଫର୍ମକୁ ଜାରି ରଖି ୧୩୦ବଲରେ ଶତକ କରିଛନ୍ତି ।

# ଇଂଲଣ୍ଡ ଗସ୍ତ ରୋହିତ-କୋହଲିଙ୍କ ପାଇଁ ଅଗ୍ନିପରୀକ୍ଷା

ନୂଆଦିଲ୍ଲୀ, ୨୫।୦୬; ବିରାଟ କୋହଲି ଏବଂ ରୋହିତ ଶର୍ମା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ କ୍ରିକେଟକୁ ନିଜ କାନ୍ଧରେ ଉଠାଇଛନ୍ତି । ଏକାଠି ସେମାନେ ବିଶ୍ୱକପ୍ ଜିତିଛନ୍ତି, ରେକର୍ଡ ଭାଙ୍ଗିଛନ୍ତି ଏବଂ ହାରିଯାଇଥିବା ମ୍ୟାଚ୍ ଜିତିଛନ୍ତି । କିନ୍ତୁ କ୍ରୀଡାର ସବୁଠାରୁ ବଡ଼ ସତ ହେଉଛି ଏହାର ଅତୀତ ନୁହେଁ ବରଂ ବର୍ତ୍ତମାନ...ଆସନ୍ତା ମାସରେ ଇଂଲଣ୍ଡରେ ହେବାକୁ ଥିବା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ୍। ଏହି ଦୁଇ ମହାନ ବ୍ୟାଟରଙ୍କ ବର୍ତ୍ତମାନ ଏବଂ ଭବିଷ୍ୟତ ଉପରେ ଏକ ବଡ଼ ପ୍ରଭାବ ପକାଇପାରେ । ଆସନ୍ତା ମାସରେ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଘରୋଇ ପରିବେଶରେ ନିରନ୍ତର ରନ ସଂଗ୍ରହ କରିଆସୁଥିବା ଉଭୟ ଅଭିଜ୍ଞ ଖେଳାଳିଙ୍କ ପାଇଁ ଏବେ ବିଦେଶୀ ପରିସ୍ଥିତିରେ ନିଜକୁ ପ୍ରମାଣିତ କରିବାର ଚ୍ୟାଲେଞ୍ଜ ରହିଛି ।

ଏହି ସିରିଜ କେବଳ ୩ଟି ମ୍ୟାଚ୍ ନୁହେଁ। ଏହା ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରଥମ ପ୍ରମୁଖ ବିଦେଶ ପରୀକ୍ଷା । ଗତ ବର୍ଷ ଅକ୍ଟୋବରରେ ଭାରତ ଅଷ୍ଟ୍ରେଲିଆ ଗସ୍ତ କରିଥିଲା । ଶୁଭମନ ଗିଲଙ୍କ ନେତୃତ୍ୱରେ ଦଳ ୨-୧ରେ ସିରିଜ ହାରିଥିଲା। ପ୍ରଥମ ୨ଟି ମ୍ୟାଚରେ ବିରାଟ କୋହଲି ବିଫଳ ହେବା ପରେ ସିଡନୀରେ ୭୪ରନର ଇନିଂସ ଖେଳି ତାଙ୍କ ସମାଲୋଚକଙ୍କୁ ଜବାବ ଦେଇଥିଲେ। ରୋହିତ ଶର୍ମା ୮ ଏବଂ ୭୩ ଏବଂ ଅପରାଜିତ ୧୨୧ ରନ୍ କରିଥିଲେ । କିନ୍ତୁ ସିରିଜ ଜିତି ପାରିନଥିଲେ ।

ଭାରତରେ ଦିନିକିଆ ପିଚଗୁଡ଼ିକୁ ବ୍ୟାଟରଙ୍କ ସ୍ୱର୍ଗ ବୋଲି ବିବେଚନା କରାଯାଏ । ଯେଉଁଠାରେ ଛୋଟ ବାଉଣ୍ଡରୀ, ଫ୍ଲାଟ୍ ୱିକେଟ୍ ଏବଂ ଦ୍ରୁତ ଆଉଟଫିଲ୍ଡ ଥାଏ। ତଥାପି, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲ୍ୟାଣ୍ଡରେ ଚିତ୍ର ଭିନ୍ନ। ସେଠାରେ, ବଲ୍ ସହାୟତା କରିଥାଏ । ଅଧିକ ବାଉନ୍ସ, କମ୍ ମାର୍ଜିନ ଏବଂ ବଡ଼ ଗ୍ରାଉଣ୍ଡରେ ସଠିକ୍ ସମୟରେ ସଟ୍ ମଧ ପ୍ରାୟତଃ ଫିଲ୍ଡରଙ୍କ ହାତରେ ପଡିଯାଏ। ଅଷ୍ଟ୍ରେଲିଆରେ କୋହଲିଙ୍କ ପ୍ରାରମ୍ଭିକ ବିଫଳତା ଏହି କାରଣରୁ ଆଲୋଚନାର ବିଷୟ ପାଲଟିଥିଲା। ମିଚେଲ ଷ୍ଟାର୍କ ଏବଂ ଜାଭିୟର ବାର୍ଟଲେଟ୍ ତାଙ୍କୁ ଏପରି ପରିସ୍ଥିତିରେ ଚ୍ୟାଲେଞ୍ଜ କରିଥିଲେ । ଯେଉଁଠାରେ ସାମାନ୍ୟତମ ବୈଷୟିକ ତ୍ରୁଟି ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇପାରେ। ସୋସିଆଲ ମିଡିଆରୁ ଟିଭି ଷ୍ଟୁଡିଓ ପର୍ଯ୍ୟନ୍ତ ପ୍ରଶ୍ନ ଉଠିଥିଲା। କେତେକ ଏପରି ମଧ କହିଥିଲେ ଯେ କୋହଲିଙ୍କ



ସମୟ ସରିଗଲା। କିନ୍ତୁ କ୍ରିକେଟ ଇତିହାସ ଦର୍ଶାଏ ଯେ ମହାନ ଖେଳାଳିମାନେ କଠିନ ପରିସ୍ଥିତିରୁ ନିଜର ଉତ୍ତର ଲେଖନ୍ତି। କୋହଲି ସିଡନୀ ପିଚ୍‌ରେ ଏକ ସହଜରେ ୭୪ ରନ୍ କରିଥିଲେ ଏବଂ ତା'ପରେ ଭାରତକୁ ଫେରି ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ସ୍କର କରି ବିତର୍କର ଧାରାକୁ ବଦଳାଇ ଦେଇଥିଲେ। ରୋହିତ ମଧ୍ୟ ଘରୋଇ ସ୍ତରରେ ନିରନ୍ତର ପ୍ରଭାବଶାଳୀ ଅଛନ୍ତି । କିନ୍ତୁ ପ୍ରକୃତ ପରୀକ୍ଷା ଘରେ ନୁହେଁ, ବରଂ ବିଦେଶରେ।

ଏହି କାରଣରୁ ଇଂଲଣ୍ଡ ଗସ୍ତ ଉଭୟଙ୍କ ପାଇଁ ଏକ ବଡ଼ ପରୀକ୍ଷା । ଏହି ସିରିଜରେ ରନ୍ ସ୍କର କରି, ରୋହିତ ଏବଂ ବିରାଟ ପ୍ରମାଣ କରିପାରିବେ ଯେ, ସେମାନଙ୍କ ପାଖରେ ଏବେ ବି ବିଦେଶୀ ପିଚ୍‌ରେ ମ୍ୟାଚ୍ ଜିତିବାର କ୍ଷମତା ଅଛି । ୨୦୨୭ ବିଶ୍ୱକପରେ, ସେମାନେ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିଆରେ ସମାନ ଚ୍ୟାଲେଞ୍ଜିଂ ପରିସ୍ଥିତର ସମ୍ମୁଖୀନ ହେବେ ଯେପରି ସେମାନେ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡରେ ସମ୍ମୁଖୀନ ହେବେ । ଇଂଲଣ୍ଡ ବିପକ୍ଷରେ ଏହା କେବଳ ଦ୍ୱିପାକ୍ଷିକ ସିରିଜ ନୁହେଁ। ଭାରତୀୟ କ୍ରିକେଟରେ ଏକ ସୁବର୍ଣ୍ଣ ଅଧ୍ୟାୟ ଲେଖିଥିବା ଦୁଇ ବ୍ୟାଟରଙ୍କ ପାଇଁ ଏକ ଅଗ୍ନିପରୀକ୍ଷା। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜର ପ୍ରଥମ ମ୍ୟାଚ୍ ୧୪ ଜୁଲାଇ, ୨୦୨୬ରେ ବର୍ମିଂହାମରେ ଖେଳାଯିବ। ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ୧୬ ଜୁଲାଇରେ କାର୍ଡିଫରେ ଏବଂ ଜୁଲାଇ ୧୯ରେ ତୃତୀୟ ଦିନିକିଆ ଐତିହାସିକ ଲର୍ଡସରେ ଖେଳାଯିବ । ୨୦୨୭ ବିଶ୍ୱକପ ପ୍ରସ୍ତୁତିକୁ ମଜବୁତ କରିବା ପାଇଁ ୩ଟି ମ୍ୟାଚରେ ସିରିଜ ଜିତିବା ଲକ୍ଷ୍ୟରେ ରହିବ ଭାରତ।

## ବୈଭବଙ୍କ ସାନଭାଇ କଲେ ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ: ଏବେ କ୍ରିକେଟ୍ ସୂର୍ଯ୍ୟବଂଶୀ ପରିବାରରେ ରକ୍ତରେ ଭରି ହୋଇରହିଛି। ଏହି ପରିବାରର ବଡ ପୁଅ ତଥା ୧୫ ବର୍ଷୀୟ ବୈଭବ ଘରୋଇ, କନିଷ୍ଠ କ୍ରିକେଟ୍ ସହ ଆଇପିଏଲ୍‌ରେ ଚମକ ଛାଡିବା ପରେ ଭାରତୀୟ ଏ' ଓ ବରିଷ୍ଠ ଦଳରେ ସ୍ଥାନ ପାଇଛନ୍ତି। ଏବେ ତାଙ୍କ ସାନ ଭାଇ ୧୦ ବର୍ଷୀୟ ଆଶୀର୍ବାଦ ବ୍ୟାଟ୍‌ରେ ନିଜର ଚମକ ଦେଖାଇଛନ୍ତି।

୬ ମାସ ତଳେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିବା ଆଶୀର୍ବାଦ ଏକ ଅଭ୍ୟାସ୍ ମ୍ୟାଚ୍‌ରେ ରିଷଭ ଏକାଦଶ ପକ୍ଷରୁ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ୧୯ ଚୌକା, ୬ ଛକା ସହ ୧୪୧.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୧୧୯ ବଲ୍‌ରୁ ୧୬୮ ରନ୍ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ରିକେଟ୍ ଏକାଡେମି ତାଜପୁର ପକ୍ଷରୁ ନିଜର ପଦାର୍ପଣ ମ୍ୟାଚ୍‌ରେ ସେ ୮୭ ବଲ୍‌ରୁ ୧୦୩ ରନ୍ କରିଥିଲେ। ଏଥିରେ ୨୦ ଚୌକା ଓ ଗୋଟିଏ ଛକା ରହିଥିଲା। ବଡ ଭାଇ ବୈଭବ ଭାରତୀୟ ଟ୍ୱେଣ୍ଟି-୨୦ ଦଳ ସହ ଆୟର୍ଲାଣ୍ଡ ଗସ୍ତ କରିବାକୁ ଯାଉଥିଲା ବେଳେ ସାନଭାଇ ଆଶୀର୍ବାଦ ଲଗାତାର ୨ ଶତକ ମାରିବା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ଦୁଇ ଭାଇଙ୍କ କ୍ରିକେଟ୍ ଖେଳିବା ଶୈଳୀ ଅଲଗା ଅଲଗା ରହିଛି। ହେଲେ ଉଭୟ ଅଲ୍‌ରାଉଣ୍ଡର। ବୈଭବ ବାମହାତୀ ବ୍ୟାଟର୍ ଏବଂ ସ୍ପିନ୍ ବୋଲର ହୋଇଥିବା ବେଳେ ଆଶୀର୍ବାଦ ଡାହାଣହାତୀ ବ୍ୟାଟିଂ କରିବା ସହ ମିଡିୟମ୍ ପେସ୍ ବୋଲିଂ କରନ୍ତି।



## ଭାରତ ବିପକ୍ଷ ଟି୨୦ ପାଇଁ ଇଂଲଣ୍ଡ ଟିମ୍

ମୁମ୍ବାଇ, ୨୩।୬ : ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆକୁ ହ୍ୱାଇଟ୍ ବଲ୍ ସିରିଜ ଖେଳିବାକୁ ଅଛି। ଯେଉଁଥିରେ ପ୍ରଥମେ ୫ ଟି-୨୦ ଏବଂ ପରେ ୩ ୱାନଡେ ହେବ । ୧ ଜୁଲାଇରୁ ଆରମ୍ଭ ହେଉଥିବା ଟି-୨୦ ସିରିଜ ଲାଗି ଆୟୋଜକ ଇଂଲଣ୍ଡର ଗତ ସୋମବାର ୧୭ସଦସ୍ୟ ବିଶିଷ୍ଟ ଟିମର ଘୋଷଣା କରାଯାଇଛି । ଯେଉଁଥିରେ ଅନକ୍ୟାପ୍ଡ ଯୁବ ଅଲରାଉଣ୍ଡର ଜେମ୍ସ କୋଲ୍ସଙ୍କ ନାଁ ବି ସାମିଲ ରହିଛି । ୨୨ବର୍ଷୀୟ କୋଲ୍ସଙ୍କୁ ପ୍ରଥମ ଥର ଇଂଲିଶ ଟିମ୍ ଭାଗିଦାରୀ କରାଯାଇଛି। ଏବେ ପ୍ରଶ୍ନ ଉଠୁଛି କି କୋଲ୍ସ କିଏ ?କୋଲ୍ସଙ୍କ ଜନ୍ମ ୨ଏପ୍ରିଲ୍ ୨୦୨୪ରେ ଇଂଲଣ୍ଡର ଏଲିସବରୀରେ ହୋଇଥିଲା । ଘରୋଇ କ୍ରିକେଟ ଏବଂ ଟି-୨୦ ଲିଗ୍ସରେ ଭଲ ପ୍ରଦର୍ଶନ ପରେ କୋଲ୍ସଙ୍କୁ ଇଂଲଣ୍ଡ ଟିମରେ ସ୍ଥାନ ମିଳିଛି । ଇଂଲଣ୍ଡ ଅଲରାଉଣ୍ଡର ଜେମ୍ସ ଦ ହଣ୍ଡ୍ରେଡ ୨୦୨୬ ଲାଗି ବିକ୍ରି ହୋଇଥିବା ସବୁଠାରୁ ମହଙ୍ଗା ଖୋଳାଳୀ ହେଲେ । କୋଲ୍ସଙ୍କୁ ଲଣ୍ଡନ ସ୍ପିରିଟ୍ ୪କୋଟି ୮୦ଲକ୍ଷ ଟଙ୍କା ମୂଲ୍ୟରେ କିଣିଥିଲା । ୨୦୨୪ ଏବଂ ୨୦୨୫ରେ କୋଲ୍ସ ସାଉଦର୍ନ ବ୍ରେବ ଲାଗି ଖେଳୁଥିବା ନଜର ଆସିଥିଲେ । ଟିମ୍ ଲାଗି ପ୍ରଥମ ସିଜନରେ କୋଲ୍ସ ୪୪ରନ୍ ଏବଂ ଦ୍ୱିତୀୟ ସିଜନରେ ୧୨୪ରନ୍ କରିଥିଲେ । ଜେମ୍ସ କୋଲ୍ସ ୧୬ବର୍ଷ ଏବଂ ୧୫୭ ଦିନ ବୟସରେ ସସେକ୍ସ ଲାଗି ଫାଷ୍ଟ-କ୍ଲାସ ଡେବ୍ୟୁ କରିଥିବା ସବୁଠାରୁ ଯୁବ ଖେଳାଳୀ ହୋଇଥିଲେ । ଯେତେବେଳେ ତାଙ୍କୁ ଓବେଲରେ ସରେ ବିପକ୍ଷ ବବ ବିଲିସ ଟ୍ରଫିରେ ଖେଳିବାକୁ ସୁଯୋଗ ମିଳିଥିଲା। ଆସନ୍ତୁ ନଜର ପକାଇବା କୋଲ୍ସଙ୍କ ଘରୋଇ କ୍ୟାରିୟର ଉପରେ । ଏବେ ପର୍ଯ୍ୟନ୍ତ ସେ ୫୮ଫାଷ୍ଟ କ୍ଲାସ, ୨୪ଲିଷ୍ଟ-ଏ ଏବଂ ୭୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଫାଷ୍ଟ କ୍ଲାସରେ କୋଲ୍ସ ବ୍ୟାଟିଂ କରି ୩୪୪୧ରନ୍ କରିଛନ୍ତି ଏବଂ ବୋଲିଂରେ ୭୪ ୱିକେଟ ନେଇଛନ୍ତି । ଲିଷ୍ଟ-ଏରେ କୋଲ୍ସ ୪୨୫ରନ ସ୍କ ?ାର କରିଛନ୍ତି ଏବଂ ବୋଲିଂ କରି ୨୬ୱିକେଟ ନିଜ ପକେଟକୁ ନେଇଛନ୍ତି । ବାକି ଟି-୨୦ରେ କୋଲ୍ସଙ୍କ ବ୍ୟାଟରୁ ୧୩୭୩ରନ୍ ବାହାରିଛି ଏବଂ ବୋଲିଂ କରି ୫୩ୱିକେଟ ନେଇଛନ୍ତି ।

ଭାରତ ବିପକ୍ଷ ଟି-୨୦ ସରିଜ ଲାଗି ଇଂଲଣ୍ଡର ୧୭ସଦସ୍ୟ ବିଶିଷ୍ଟ ସ୍କ୍ୱାର୍ଡ଼

ହ୍ୟାରି ବ୍ରୁକ(ଅଧିନାୟକ), ରୋହନ ଅହମଦ, ଜୋଫ୍ରା ଆର୍‌ଚର, ସୋନୀ ବେକର, ଟମ ବ୍ୟାଣ୍ଟନ, ଜ୍ୟାକବ ବେଥେଲ, ଜୋସ ବଟଲର, ଜେମ୍ସ କୋଲ୍ସ, ଜାର୍ଡନ କାକ୍ସ, ସ୍ୟାମ କରନ, ଲିୟାମ ହାସନ, ବିଲ୍ ଜ୍ୟାକ୍ସ, ସାକିବ ମହମୁଦ, ଆଦିଲ୍ ରଶୀଦ, ଫିଲ ସାଲ୍ଟ, ଜୋଶ ଟ୍ୟାଗ, ଲ୍ୟୁକ୍ ବୁଡ଼ ।

### ଟି-ଟ୍ୱେଣ୍ଟି ରାଙ୍କିଂରେ ଭାରତର ଜଲୱା

## ଟପ୍ ୭ ବ୍ୟାଟରରେ ୪ ଭାରତୀୟ

ନୂଆଦିଲ୍ଲୀ, ୨୫।୦୬; ଭାରତୀୟ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଆୟର୍ଲାଣ୍ଡ ଗସ୍ତ କରିଛି । ଏହି ଦୁଇଟି ମ୍ୟାଚ୍ ଜୁନ୍ ୨୬ ଏବଂ ୨୮ ତାରିଖରେ ବେଲଫାଷ୍ଟରେ ଖେଳାଯିବ । ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ବର୍ତ୍ତମାନ ଟି-୨୦ ରାଙ୍କିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି । ଆମେ ଟି-୨୦ ବ୍ୟାଟିଂ ରାଙ୍କିଂ ଉପରେ ନଜର ପକାଇବା, ତେବେ ଭାରତୀୟମାନେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ, ବିଶ୍ୱର ଶ୍ରେଷ୍ଠ ୭ ଟି-୨୦ ବ୍ୟାଟରଙ୍କ ମଧ୍ୟରେ ଭାରତୀୟ ଖେଳାଳିମାନେ ଏହି ଫର୍ମାଟରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ରାଙ୍କିଂରେ ଶ୍ରେଷ୍ଠ ୭ ଖେଳାଳିଙ୍କ ମଧ୍ୟରୁ ୪ ଜଣ ଭାରତୀୟ । ସେହି ପରି ମହିଳା ଟି-ଟ୍ୱେଣ୍ଟିରେ ଶ୍ରୀଚରଣୀ ନମ୍ବର ୱାନ୍ ବୋଲର ହୋଇଛନ୍ତି ।

ଅଭିଷେକ ଶର୍ମା ନମ୍ବର ୧ ବ୍ୟାଟର- ଅଭିଷେକ ଶର୍ମା ବିଶ୍ୱର ନମ୍ବର ୧ ଟି-ଟ୍ୱେଣ୍ଟି ବ୍ୟାଟର ହୋଇଛନ୍ତି। ଟି-୨୦ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରିଥିବା ଇଶାନ କିଶାନ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ବ୍ୟାଟିଂ ରାଙ୍କିଂରେ ପ୍ରଥମ ଦୁଇଟି ସ୍ଥାନରେ ଥିବା ଅଭିଷେକ ଏବଂ ଇଶାନଙ୍କ ମଧ୍ୟରେ କେବଳ ୪ ରେଟିଂ ପଏଣ୍ଟ ବ୍ୟବଧାନ ରହିଛି । ତୃତୀୟ ସ୍ଥାନରେ ପାକିସ୍ତାନର ସାହିବଜାଦା ଫରହାନ ରହିଛନ୍ତି । ଟି-୨୦ ରାଙ୍କିଂର ଶ୍ରେଷ୍ଠ ୭ ଖେଳାଳିଙ୍କ ମଧ୍ୟରେ ୪ ଜଣ ଭାରତୀୟ ଅଛନ୍ତି। ସଦ୍ୟ ସମାପ୍ତ ତ୍ରି-ସିରିଜରେ ଭାରତ ଏ'ର ଅଧିନାୟକତ୍ୱ କରିଥିବା ତିଲକ ବର୍ମା ଷଷ୍ଠ ସ୍ଥାନରେ ଅଛନ୍ତି । ସୂର୍ଯ୍ୟକୁମାର ଯାଦବ, ଯାହାଙ୍କୁ କେବଳ ଅଧିନାୟକ ପଦରୁ ହଟାଯାଇନାହିଁ ବରଂ ଦଳରୁ ମଧ ବାହାର କରାଯାଇଛି । ସେ ବର୍ତ୍ତମାନ ସପ୍ତମ ସ୍ଥାନରେ ଅଛନ୍ତି । ତଥାପି, ସୂର୍ଯ୍ୟ ଶ୍ରେଷ୍ଠ ୭ ଖେଳାଳିଙ୍କ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛନ୍ତି । ଏହି ଚାରି ଜଣ ଖେଳାଳିଙ୍କ ବ୍ୟତୀତ, କୌଣସି ଭାରତୀୟ ବ୍ୟାଟର ଟି-୨୦ ରାଙ୍କିଂର ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ନାହାଁନ୍ତି । ବିଶ୍ୱକପରେ ଭଲ ପ୍ରଦର୍ଶନ କରିଥିବା ସଞ୍ଜୁ ସାମସନ ବର୍ତ୍ତମାନ ୨୧ତମ ସ୍ଥାନରେ ଅଛନ୍ତି, ଏବଂ ଶିବମ୍ ଦୁବେ ୨୭ତମ ସ୍ଥାନରେ ଅଛନ୍ତି । ଟି-୨୦ ବୋଲରଙ୍କ ମଧ୍ୟରେ, ବରୁଣ ଚକ୍ରବର୍ତ୍ତୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଏବଂ ଜସପ୍ରୀତ ବୁମରା ଷଷ୍ଠ ସ୍ଥାନରେ ଅଛନ୍ତି ।




ନମ୍ବର ୱାନ୍ ଶ୍ରୀଚରଣୀ- ଆଇସିସି ମହିଳା ଟି-ଟ୍ୱେଣ୍ଟିରେ ଭାରତର ଯୁବ ସ୍ପିନର ଶ୍ରୀଚରଣୀ ନମ୍ବର ୱାନ୍ ବୋଲର ହୋଇଛନ୍ତି । ଇଂଲଣ୍ଡର ଲିନ୍‌ସେ ସ୍ମିଥଙ୍କୁ ପଛରେ ପକାଇ ଟି-ଟ୍ୱେଣ୍ଟିରେ ପ୍ରଥମ ସ୍ଥାନ ହାସଲ କରଛନ୍ତି ଶ୍ରୀଚରଣ। ବର୍ତ୍ତମାନ ଶ୍ରୀଚରଣୀ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳୁଛନ୍ତି ।

ସେହିପରି ସଦ୍ୟ ଘୋଷିତ ଆଇସିସି ଦିନିକିଆ ମାନ୍ୟତା ତାଲିକାରେ ଟିମ୍ ଇଣ୍ଡିଆ ଅଧିନାୟକ ଶୁଭମନ ଗିଲଙ୍କ ସ୍ଥାନରେ ଉନ୍ନତି ଘଟିଛି । ବ୍ୟାଟିଂ ତାଲିକାରେ ସେ ଗୋଟିଏ ସ୍ଥାନ ଉଠି ଦ୍ୱିତୀୟରେ ରହିଛନ୍ତି । ପୂର୍ବରୁ ଏହି ସ୍ଥାନରେ ଥିବା ବିରାଟ କୋହଲି ତୃତୀୟକୁ ଖସିଛନ୍ତି । ସେହିପରି ରୋହିତ ଶର୍ମା ଚତୁର୍ଥ ସ୍ଥାନ ବଜାୟ ରଖିଥିବାବେଳେ କେଏଲ୍ ରାହୁଲ ୧୧ତମ ସ୍ଥାନକୁ ଖସିଛନ୍ତି । ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ବୋଲିଂ ତାଲିକାରେ ସ୍ପିନର କୁଲଦୀପ ଯାଦବ ସପ୍ତମ ସ୍ଥାନ ବଜାୟ ରଖିଥିବାବେଳେ ପେସ୍ ବୋଲର ମହମ୍ମଦ ସିରାଜ ୨ଟି ସ୍ଥାନ ଖସି ୧୭ତମ ସ୍ଥାନରେ ରହିଛନ୍ତି । ଅନ୍ୟ ପେସ୍ ବୋଲର ଅର୍ଶଦୀପ ସିଂହ ୧୬ଟି ସ୍ଥାନ ଉନ୍ନତି ଘଟାଇ ୨୨ତମ ସ୍ଥାନ ଅଧିକାର କରିଛନ୍ତି । ଆଫଗାନିସ୍ତାନର ରସିଦ ଖାନଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982